# ଢୋଲ ମୃଦଙ୍ଗରେ ଦୁଲୁକିଲା ବନ୍ଦର ନଗରୀ

**ପାରାଦୀପରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆରମ୍ଭ**

ପାରାଦୀପ, ୧୭।୯(ସ୍ୱ.ପ୍ର.)

ପାରାଦୀପ ବନ୍ଦର ନଗରୀରେ ମଙ୍ଗଳବାରଠାରୁ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆରମ୍ଭ ହୋଇଛି। ଏହା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଚାଲିବ। ପୂଜା ପାଇଁ ଆୟୋଜକମାନେ ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରିଛନ୍ତି। ସେଥିମଧ୍ୟରୁ ସବୁ ମେଢ଼ର କଳସ ଶୋଭାଯାତ୍ରା ବେଶ୍ ଆକର୍ଷଣୀୟ ଥିଲା। ମହିଳା ପୁରୁଷମାନେ ନୂଆ ବସ୍ତ୍ର ପିନ୍ଧି ଢୋଲ ମୃଦଙ୍ଗର ତାଳେ ତାଳେ ଧାଡ଼ି ହୋଇ ଶୋଭାଯାତ୍ରା କରିଥିଲେ। ତୋରଣଠାରୁ ସମୁଦ୍ରକୂଳ ପର୍ଯ୍ୟନ୍ତ ଯିବା ଆସିବା ଦୃଶ୍ୟ ନିଆରା ଥିଲା। ପାଗ ଅନୁକୂଳ ଥିବାରୁ ପ୍ରଥମ ଦିନରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଛି। ଠାକୁର ମୂର୍ତ୍ତି, ପାର୍ଶ୍ୱ ଦେବତା, ସାମାଜିକ ବାର୍ତ୍ତା ଥିବା ମୂର୍ତ୍ତି, ଆଭ୍ୟନ୍ତରୀୟ ସାଜସଜ୍ଜା, ଆଲୋକ ସଜା ଏବଂ ସର୍ବାଧିକ ଆକର୍ଷଣ ତୋରଣ ରାତିରେ ବେଶ୍ ଆକର୍ଷଣୀୟ ଦେଖାଯାଉଛି। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ୯ ପ୍ଲାଟୁନ୍ ଫୋର୍ସ, ୪୫ ଅଫିସର, ଗୃହରକ୍ଷୀ, କନଷ୍ଟେବଳ, ହାବିଲଦାର ମୁତୟନ ହୋଇଛନ୍ତି। ପ୍ରତ୍ୟେକ ତୋରଣ ଭିତର ବାହାର, ରାସ୍ତା ଛକରେ ସିସି ଟିଭି କ୍ୟାମେରା ଲଗାଯାଇଛି। ଏଥିସହ ଭିଡ଼ ଅଞ୍ଚଳରେ ସାଧାରଣ ଗାଡି ଚଳାଚଳ ଉପରେ ଅଙ୍କୁଶ ଲଗାଯାଇଛି।

## ତ୍ରିଶାସନରେ ହନ୍ତସନ୍ତ ବ୍ୟବସାୟୀ

ପାରାଦୀପ ବିଶ୍ୱକର୍ମା ପୂଜା ଆୟୋଜନ କରନ୍ତି ବିଭିନ୍ନ ସଂଘ ଓ ସଙ୍ଗଠନ। ହାକିମାତି କରନ୍ତି ତ୍ରିପ୍ରଶାସନ। ସେମାନେ ହେଲେ ରାଜ୍ୟ ସରକାର, ପୌର ପ୍ରଶାସନ ଓ ବନ୍ଦର ପ୍ରଶାସନ। ପୂଜାମଣ୍ଡପ ସ୍ଥାନ, ବିଦ୍ୟୁତ୍ ପାଇଁ ବନ୍ଦର ପ୍ରଶାସନଠାରୁ ସ୍ୱୀକୃତି ଆଣିବା ସହ ଜାଗା ପାଇଁ ଅର୍ଥ ଦେବାକୁ ପଡ଼େ। ଜିଲା ଓ ପୋଲିସ ପ୍ରଶାସନ ଶୃଙ୍ଖଳା ଦେଖିବା ସହ ବାଜାବାଣ ମାଇକ୍ ପାଇଁ ସ୍ୱୀକୃତି ଦିଅନ୍ତି। ପୌରପାଳିକା ସଫେଇ କରେ। ଏଥିପାଇଁ ସ୍ୱଳ୍ପ ଅର୍ଥ ଦୋକାନୀଙ୍କଠାରୁ ନିଆଯାଏ ଓ ଉତ୍କୃଷ୍ଟ ତୋରଣକୁ ପୁରସ୍କାର ଦିଆଯାଏ। ଚଳିତବର୍ଷ ଗୋଟିଏ ଲେଖାଏଁ ମଣ୍ଡପ ପାଇଁ ଆୟୋଜକଙ୍କୁ ୫୦ରୁ ୭୦ ହଜାର ଟଙ୍କା ଗଣିବାକୁ ପଡିଛି ବୋଲି ଜଗନ୍ନାଥ ଟ୍ରକ ମାଲିକ ସଂଘ ପକ୍ଷରୁ କୁହାଯାଇଛି। ଜାଗା, ଅଗ୍ନିଶମ, ପୋଲିସ, ଏଡିଏମ୍ ଅଫିସରେ ସରକାରୀ ଧାର୍ଯ୍ୟ ଅର୍ଥଠାରୁ ଅଧିକ ଦେବାକୁ ପଡୁଛି। ଏମିତିରେ ଦୋକାନୀମାନେ ବନ୍ଦର ସମ୍ପଦ ବିଭାଗରେ ଅର୍ଥ ଜମାକରି ରାସ୍ତାର ଦୁଇ ପାର୍ଶ୍ୱରେ ଦୋକାନ ଖୋଲିଛନ୍ତି। ସେମାନେ କିଛି ଅଧିକ ପାଲ ରାସ୍ତାକୁ ବାନ୍ଧି ଦୋକାନ ଖୋଲିଥିଲେ। ଏହାଦ୍ୱାରା ରାସ୍ତା ସଙ୍କୁଚିତ ହେବାରୁ ମଙ୍ଗଳବାର ପୋଲିସ ସେମାନଙ୍କୁ ପଛକୁ ହଟାଇଛି। ଥରେ ଦୋକାନ କରି ପୁଣି ତାକୁ ଭାଙ୍ଗି ଆଉ ଥରେ ଦୋକାନ କରିବାରେ ବ୍ୟବସାୟୀ ହନ୍ତସନ୍ତ ହୋଇଛନ୍ତି।

## ଟେଲିଫୋନ୍ ଭବନରେ ପୂଜା ବନ୍ଦ

ସରକାର ସରକାରୀ ସଂସ୍ଥାକୁ ଅଣଦେଖା କରି ଘରୋଇ ସଂସ୍ଥାକୁ ପ୍ରାଧାନ୍ୟ ଦେବାର ପ୍ରଭାବ ବିଶ୍ୱକର୍ମା ପୂଜାରେ ଦେଖିବାକୁ ମିଳିଛି। ଦୀର୍ଘ ୪ ଦଶନ୍ଧି ହେଲା ଟେଲିଫୋନ୍ ଭବନ (ଭାରତ ସଞ୍ଚାର ନିଗମ ଲିମିଟେଡ୍) ପକ୍ଷରୁ ହେଉଥିବା ବିଶ୍ୱକର୍ମା ପୂଜା ଚଳିତବର୍ଷ ବନ୍ଦ ହୋଇଯାଇଛି। ୧୯୭୦ରୁ ୨୦୧୦ ପର୍ଯ୍ୟନ୍ତ ପାରାଦୀପରେ ଯେଉଁ କେତେକ ପୂଜାମଣ୍ଡପ ଆଗଧାଡ଼ିରେ ରହୁଥିଲେ ସେଥିରେ ବିଏସଏନ୍‌ଏଲ୍ ମଣ୍ଡପ ଅନ୍ୟତମ ଥିଲା। ସମୟକ୍ରମେ ଏହା ପକ୍ଷରୁ ବଡ଼ପୂଜା ଆୟୋଜନ କରା ନ ଯାଇ ଛୋଟ ତୋରଣ ଓ ୫ ଦିନିଆ ପୂଜା ହେଲା। ଟେଲିଫୋନ୍ ଉପଭୋକ୍ତା, କର୍ମଚାରୀଙ୍କ ଚାନ୍ଦା ଓ ବ୍ୟବସାୟୀଙ୍କଠାରୁ ଏହାର ଖର୍ଚ୍ଚ ଭରଣା ହେଉଥିଲା। ଏବେ ଲ୍ୟାଣ୍ଡ ଫୋନ୍ ଗ୍ରାହକ ସଂଖ୍ୟା ହ୍ରାସ ପାଇଲାଣି। ସେତେବେଳେ ଯେତେ କର୍ମଚାରୀ ଥିଲେ ସେମାନଙ୍କ ସଂଖ୍ୟା ମଧ୍ୟ କମିଯାଇଛି। ତେଣୁ ବିଶ୍ୱକର୍ମା ପୂଜା ପାଇଁ ଆଉ ଉଦ୍ୟୋକ୍ତା ନାହାନ୍ତି କି ଅର୍ଥ ନାହିଁ ବୋଲି ଜନୈକ କର୍ମଚାରୀ କହିଛନ୍ତି। ବଡ଼ପଡ଼ିଆରେ ଯେତେବେଳେ ପୂଜା ଚାଲେ ସେତେବେଳେ ଅଧିକାଂଶ ମଣ୍ଡପ ଓ ଅନ୍ୟ କମିଟି ଅପେରା ଆଣି ଟିକେଟ୍ ସେଲ କରନ୍ତି। କିନ୍ତୁ ବିଏସଏନ୍‌ଏଲ ମୁକ୍ତ ଯାତ୍ରା କରିଥାଏ। ଯାତ୍ରା ବନ୍ଦ ପରେ କିଛିବର୍ଷ ପାଲା-ଦାସକାଠିଆ ହେଲା। ଏକଦା ଉତ୍ସବମୁଖର ଥିବା ବିଏସ୍‌ଏନ୍‌ଏଲ୍ ପରିସର ଏବେ ଶୂନ୍‌ଶାନ୍ ହୋଇଯାଇଛି।



ଡମ୍ପର ମାଲିକ ସଂଘ ପକ୍ଷରୁ ହୋଇଥିବା ତୋରଣ।



ବନ୍ଦର ବିଦ୍ୟୁତ୍ ବିଭାଗ ତୋରଣ।





ପାରାଦୀପରେ ବିଶ୍ୱକର୍ମା ପୂଜା ଉତ୍ସବ ଉଦ୍‌ଘାଟନ ଅବସରରେ ପୂଜା କମିଟି ପକ୍ଷରୁ ହୋଇଥିବା କଳସ ଶୋଭାଯାତ୍ରା।









ରଘୁନାଥପୁର ନୂଆପଡ଼ା ଓମ୍‌ଫେଡ୍ ପ୍ଲାଣ୍ଟ ଏବଂ ସେସୁ କାର୍ଯ୍ୟାଳୟରେ ପୂଜା ପାଉଥିବା ବିଶ୍ୱକର୍ମାଙ୍କ ମୂର୍ତ୍ତି। ପାରାଦୀପ ଜନସ୍ୱାସ୍ଥ୍ୟ ବିଭାଗ ଓ ତିର୍ତ୍ତୋଲ କୋଲରସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା।

# ଆୟୁର୍ବେଦିକ ଚିକିତ୍ସା ଶିବିର

ତିର୍ତ୍ତୋଲ,୧୭।୯(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ଗ୍ରାମସ୍ଥିତ ଶୁଦ୍ରମୁନି ସାରଳା ଦାସଙ୍କ ସମାଧି ପୀଠ ପରିସର ଆଦିକବି ଭବନରେ ମାଗଣା ଆୟୁର୍ବେଦିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ସାରଳା ଦାସ ଗ୍ରାମ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ତେନ୍ତୁଳିପଦା ଜନମଞ୍ଚ ସୁରକ୍ଷା ସମିତି ଆନୁକୂଲ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ପୂର୍ବତନ ଡେପୁଟି କଲେକ୍ଟର ସୁରେଶ ଚନ୍ଦ୍ର ମହାନ୍ତି ଉଦ୍‌ଘାଟନ କରି ଆୟୁର୍ବେଦିକ ଚିକିତ୍ସା ଦ୍ୱାରା ବହୁ ଜଟିଳ ରୋଗ ଭଲ ହୋଇଥାଏ ବୋଲି କହିଥିଲେ। ଏଥିରେ ଡା. ସଞ୍ଜୟ କୁମାର ରାଉତ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମଣିଷ ଦୈନନ୍ଦିନ ଜୀବନରେ ଖାଦ୍ୟଠାରୁ ପାଣି ପର୍ଯ୍ୟନ୍ତ କିପରି ଭାବେ ବ୍ୟବହାର କରିବ ଓ ଦେଶୀୟ ଚିକିତ୍ସା ଦ୍ୱାରା ସୁସ୍ଥ ଓ ନିରୋଗ ରହିବ ସେ ସମ୍ପର୍କରେ କହିଥିଲେ। ଶିବିରରେ ୧୫୦ ଜଣଙ୍କ ଚିକିତ୍ସା କରାଯାଇଥିଲା। ଶିବିରକୁ ସଂଯୋଜକ ରବୀନ୍ଦ୍ର ପରିଡା, ଚିତ୍ତରଞ୍ଜନ ପରିଜା, ଚିତ୍ତରଞ୍ଜନ ମହାନ୍ତି, ବାଇଧର ଭରଦ୍ୱାଜ, ବିରଜା ପରିଜା, ଭାଗିରଥି ମହାନ୍ତି ପରିଚାଳନା କରିଥିଲେ।

**ଜିଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ**

# ସୁନେତ୍ର ଯୋଜନା ସଫଳ କରିବାକୁ ଗୁରୁତ୍ୱ

ଜଗତ୍‌ସିଂହପୁର ଅଫିସ,୧୭।୯

ରାଜ୍ୟ ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତର ଓ କର୍ମଚାରୀମାନେ ବିଶେଷ ଦାୟିତ୍ୱବାନ ହେବାକୁ ପଡିବ। ସବୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକ ସମୟରେ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ଦିଆଯିବା ଉଚିତ। ଜିଲାର ଅନେକ ଚିକିତ୍ସାଳୟରେ ଭିତ୍ତିଭୂମିର ବିକାଶ ଆବଶ୍ୟକ। ଯେଉଁସବୁ ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲିଛି ସେଗୁଡିକ ସରିବା ଦରକାର। ମଙ୍ଗଳବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକରେ ପୌରୋହିତ୍ୟ କରି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଛନ୍ତି। ସେ କହିଲେ ଯେ, ସୁନେତ୍ର କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କ ଚକ୍ଷୁ ଚିକିତ୍ସା ଓ ଚଷମା ବଣ୍ଟନ କରି ଯୋଜନା ସଫଳ କରିବାକୁ ଉଦ୍ୟମ ହେବ। ବୈଠକରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ଗୁଞ୍ଜର ମହନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ମଙ୍ଗଳବାର ବିଶ୍ୱ ରୋଗୀ ସୁରକ୍ଷା ଦିବସ ପାଳନ କରାଯାଉଥିବାରୁ ଜିଲାପାଳ ଉପସ୍ଥିତ ଚିକିତ୍ସକ ଓ ଅନ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। ପରିବାର କଲ୍ୟାଣ ଏଡିପିଏଚ୍‌ଓ ଡ.ବସନ୍ତ ବାରିକ କହିଲେ ଯେ, ରୋଗୀଙ୍କ ସ୍ୱାସ୍ଥ୍ୟସେବାରେ ଅର୍ଥର କୌଣସି ପ୍ରତିବନ୍ଧକ ରହିବ ନାହିଁ। ନିରାମୟ ଯୋଜନାରେ ରୋଗୀଙ୍କୁ ମାଗଣା ଔଷଧ ଦିଆଯାଉଛି। ଡାକ୍ତରମାନେ ଉପଯୁକ୍ତ ଚିକିତ୍ସା ଦାୟିତ୍ୱ ସମ୍ପାଦନ କରିବା ଉଚିତ।

# ଜେଏସ୍‌ଡବ୍ଲ୍ୟୁକୁ ପରିବେଶ ମଞ୍ଜୁରୀ ନେଇ ମିଶ୍ର ପ୍ରତିକ୍ରିୟା

କୁଜଙ୍ଗ,୧୭।୯(ସ୍ୱ.ପ୍ର)

ପୋସ୍କୋ ପାଇଁ ଅଧିଗୃହିତ ଓ ଇଡ୍‌କୋର ଲ୍ୟାଣ୍ଡ ବ୍ୟାଙ୍କରେ ରହିଥିବା ଜମି ଉପରେ ଖୁବ୍‌ଶୀଘ୍ର ଜେଏସ୍‌ଡବ୍ଲ୍ୟୁ ମେଗା ଷ୍ଟିଲ ପ୍ଲାଣ୍ଟ କରିବାକୁ ଯାଉଛି। ଏଥିପାଇଁ ପ୍ରକଳ୍ପକୁ ଜଙ୍ଗଲ ଓ ପରିବେଶ ମଞ୍ଜୁରି ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଥମେ ଲୋକଙ୍କ ଦାବି ପୂରଣ କରି ପ୍ରକଳ୍ପ କଲେ ସ୍ୱାଗତ କରିବୁ ବୋଲି ତତ୍କାଳୀନ ମିଳିତ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ନିର୍ଭୟ କୁମାର ସାମନ୍ତରାୟ କହିଛନ୍ତି। ସେ ସରକାର ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଆନ୍ତରିକତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଯୁବ ଶ୍ରମିକନେତା ନୂଆଗାଁର ତମିଲି ପ୍ରଧାନ ଖୁସିବ୍ୟକ୍ତ କରିବା ସହ ଏନେଇ ପ୍ରଥମେ ଏମ୍‌ଓୟୁ ହେବା ଦରକାର ବୋଲି କହିଛନ୍ତି। ପୋସ୍କୋ ସମୟରୁ କେତେଜଣ ଜମିମାଲିକଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିନି କି ବେକାର ଶ୍ରମିକଙ୍କୁ ଭତ୍ତା ଦିଆଯାଇନି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ବାମପନ୍ଥି ନେତ୍ରୀ ମନୋରମା ଖଟୁଆ କହିଛନ୍ତି ଯେ, ଜଙ୍ଗଲ, ଜମି, ଜଳ ଉପେର ସ୍ଥାନୀୟ ଲୋକଙ୍କ ଅଧିକାର ରହିଛି। ଯଦି ଲୋକମତକୁ ଦବାଇ କମ୍ପାନୀ ସ୍ୱାର୍ଥକୁ ସରକାର ଅଗ୍ରାଧିକାର ଦେବେ, ତେବେ ଜେଏସ୍‌ଡବ୍ଲ୍ୟୁକୁ ପୋସ୍କୋ ଭଳି ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ।

**କ୍ଷୀର ହାତେଇ ନେଉଛନ୍ତି ପ୍ରାଇଭେଟ ଡେରୀ**

# ମୂଲ୍ୟ ବୃଦ୍ଧି ପ୍ରସ୍ତାବ ରଖିଲେ ଚାଷୀ

ରଘୁନାଥପୁର, ୧୭।୯ (ଡି.ଏନ.ଏ.)

ଅଧିକ ମୂଲ୍ୟ ଦେଇ କ୍ଷୀର ହାତେଇ ନେଉଛନ୍ତି ପ୍ରାଇଭେଟ ଡେରୀ। ଦୀର୍ଘଦିନ ଧରି ଦୁଗ୍ଧଚାଷୀଙ୍କ ଭାତହାଣ୍ଡି ସାଜିଥିବା ଓମଫେଡ ଏବେ ଦୁର୍ଦ୍ଦିନରେ। ସରକାର ଯଦି ଏଥିପ୍ରତି ନଜର ନ ଦେବେ ଲକ୍ଷାଧିକ ଦୁଗ୍ଧଚାଷୀ ଓ କର୍ମଚାରୀଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିବ। ମଙ୍ଗଳବାର ରଘୁନାଥପୁର ବ୍ଲକ ନୂଆପଡାସ୍ଥିତ ଓମ୍‌ଫେଡ ପ୍ଲାଣ୍ଟ ପରିଦର୍ଶନରେ ଆସିଥିବା ଦୁଗ୍ଧ ମହାସଂଘ ଅଧ୍ୟକ୍ଷା ସରୋଜିନୀ ମିଶ୍ର ଓ କଟକ ଦୁଗ୍ଧ ସଂଘର ଜେନେରାଲ ମ୍ୟାନେଜର ଡା. ବିଦ୍ୟାଧର ସାହୁଙ୍କୁ ଭେଟି ଦୁଗ୍ଧ ମୂଲ୍ୟ ବୃଦ୍ଧି କରିବାକୁ ଚାଷୀମାନେ ପ୍ରସ୍ତାବ ରଖିବା ଅବସରରେ ଏହା କହିଛନ୍ତି। ତେବେ ଦୁଗ୍ଧ ମୂଲ୍ୟ ବୃଦ୍ଧି ସମ୍ପର୍କରେ ଗତ ୧୦ ତାରିଖରେ ମନ୍ତ୍ରୀ ଓ ସଚିବଙ୍କୁ ନେଇ ଏକ ଆଲୋଚନା ହୋଇଥିବା ଜିଏମ୍ ଡା. ସାହୁ ସେମାନଙ୍କୁ କହିଥିଲେ। ସେ କହିଲେ ଯେ, ବର୍ତ୍ତମାନ ଦୈନିକ ୧ ଲକ୍ଷ ୬୫ ହଜାର ଲିଟର କ୍ଷୀର ସଂଗ୍ରହ କରାଯାଉଛି। ଫଳରେ ସଂସ୍ଥା ଚଳିବା ନେଇ ସମସ୍ୟା ଉପୁଜିଲାଣି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ ଚାଷୀମାନେ ପ୍ଲାଣ୍ଟକୁ ଯାଇ ପରିଚାଳକ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି। ଏହାଛଡା ଗୋରୁଙ୍କଠାରେ ଦେଖାଦେଇଥିବା ବିଭିନ୍ନ ରୋଗର ନିରାକରଣ ପାଇଁ ସରକାର ଅଧିକ ଔଷଧ ଯୋଗାଇ ଦେବାକୁ ମଧ୍ୟ ଚାଷୀମାନେ ମତ ରଖିଥିଲେ। ଆଲୋଚନାରେ ଶାଖା ପରିଚାଳକ ସ୍ୱାଇଁ, ପରିଚାଳନା ବୋର୍ଡ ସଦସ୍ୟ ଶ୍ରୀକାନ୍ତ ଜେନା, ଦିଲୀପ କୁମାର ଲେଙ୍କା, ଆର୍ତ୍ତତ୍ରାଣ ପତି ଓ ପୂର୍ବତନ ସଦସ୍ୟ ମନୋରଞ୍ଜନ ନାୟକ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

**ବୈଦ୍ୟୁତିକ କାର୍ଯ୍ୟ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-RT-130-E4, ତା: 11.09.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ୱାଲ୍‌ଟିୟର ମଣ୍ଡଳରେ କୋରାପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ଡୁମୁରିପୁଟ-ବାଇଗୁଡ଼ା ସେକ୍ସନ ମଧ୍ୟରେ ସବ୍-ସେକ୍ସନିଂ ଓ ପାରାଲେଲିଂ ପୋଷ୍ଟ (ନୂତନ= 02 ସଂଖ୍ୟକ, ବୃଦ୍ଧିକରଣ= 01 ସଂଖ୍ୟକ), ସେକ୍ସନିଂ ପୋଷ୍ଟ (ବୃଦ୍ଧିକରଣ= 01 ସଂଖ୍ୟକ) ର ଡିଜାଇନ, ଯୋଗାଣ, ନିର୍ମାଣ, ରୂପାନ୍ତରଣ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କରିବା ଏବଂ ସମ୍ପର୍କିତ PSI କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹313.21 ଲକ୍ଷ, EMD : ₹3,06,600.00, ଟେଣ୍ଡର କାଗଜପତ୍ର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 08 (ଆଠ) ମାସ।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-T-144E, ତା: 11.09.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ୱାଲ୍‌ଟିୟର ମଣ୍ଡଳରେ ଭାଗ-1 : କୋରାପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ବାଇଗୁଡ଼ା-ଟିକିରି ସେକ୍ସନ ମଧ୍ୟରେ ଟ୍ରାକ୍ସନ ସବ୍-ଷ୍ଟେସନ (ବୃଦ୍ଧିକରଣ=01 ସଂଖ୍ୟକ), ସେକ୍ସନିଂ ଓ ପାରାଲେଲିଂ ପୋଷ୍ଟ (ବୃଦ୍ଧିକରଣ=01 ସଂଖ୍ୟକ), ସବ୍-ସେକ୍ସନିଂ ଓ ପାରାଲେଲିଂ ପୋଷ୍ଟ (ବୃଦ୍ଧିକରଣ=02 ସଂଖ୍ୟକ) ଏବଂ ସମ୍ପର୍କିତ PSI କାର୍ଯ୍ୟ ଏବଂ ଭାଗ-2 : କୋରାପୁଟ-ଜଗଦଲପୁର ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ବନ୍ଧୀୟ କୋରାପୁଟ-ମାନବାର ସେକ୍ସନ ମଧ୍ୟରେ ଟ୍ରାକ୍ସନ ସବ୍-ଷ୍ଟେସନ (ବୃଦ୍ଧିକରଣ= 01 ସଂଖ୍ୟକ) ଏବଂ ସମ୍ପର୍କିତ PSI କାର୍ଯ୍ୟର ଡିଜାଇନ, ଯୋଗାଣ, ନିର୍ମାଣ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କରିବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹294.57 ଲକ୍ଷ, EMD : ₹2,97,300.00, ଟେଣ୍ଡର କାଗଜପତ୍ର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 03.10.2019 ର 1200 ଘ. ରେ (ଉଭୟ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଡେପୁଟି ଚିଫ୍ ସିଗ୍‌ନାଲ୍ ଏବଂ ଟେଲିକମ୍ ଇଞ୍ଜିନିୟର/ନିର୍ମାଣ/ବିଶାଖାପାଟଣା

PR-49/CC/19-20



**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**e-TENDER NOTICE NO. : HWP/TAL/MAINT (E)/2019/05**

Online tenders are invited through e-tendering mode by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul (Odisha) on behalf of the President of India in two bid from eligible Contractors for the work whose details are given below : **NIT No. : HWP/TAL/MAINT(E)/2019/05**, **Name of the Work** : "Annual Electrical Maintenance Works at HWP Colony, Talcher". **Estimated Cost :** Rs.13,37,640/-. **Earnest Money :** Rs.26,753/-. **Period of Completion :** 12 (Twelve) Months. **Last date and time of submission of Bid :** 28.09.2019 (14:30 hrs.). The bid forms and other details can be obtained from the website **www.tenderwizard.com/DAE.**



**FORM NO.13**
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A. No. 283 of 2019**

**Andhra Bank, Patrapada AIIMS Road Branch, At/P.O.: Patrapada, Bhubaneswar** ...Applicant

\- Versus -

**M/s. International Confectionary Inc. & another** ...Defendants

1. **M/s. International Confectionary Inc.,** Plot No.: 113/3032, Patrapada, Behind Mahalaxmi Cold Storage, Bhubaneswar, Dist.: Khurda, Pin Code No.: 751019, Represented through its **Partner: Sri Tapan Nayak.**
2. **Tapan Nayak,** aged about 50 years, S/o- Govinda Nayak, Resident of Plot No.: 2773, Nageswar Tangi, Post: Old Town, Bhubaneswar, Dist.: Khurda, Pin Code No.: 751002.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 283 of 2019** in the Court of the Debts of Recovery Tribunal, Cuttack for recovery of **Rs.34,74,701/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **01.11.2019 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

**DATE: 06.09.2019** **Sd/- (Manoj Kumar Patnaik) REGISTRAR**



**ଉତ୍ତର ରେଳପଥ**

**ଭ୍ରମ ସଂଶୋଧନ**

ଫାଇଲ୍ ନଂ.: ସିଆଇଆଇଡି/ଏସ୍‌ଏଲ୍‌ଆର୍/ଟେଣ୍ଡର/୨୦୧୯
(ଆଇଆର୍‌ଇପିଏସ୍ ପୋର୍ଟାଲ୍ ଜରିଆରେ)

ବିଭିନ୍ନ ଇଂରାଜୀ ଓ ହିନ୍ଦୀ ଖବରକାଗଜରେ ପ୍ରକାଶିତ ଏସ୍‌ଏଲ୍‌ଆର୍/ଏସ୍‌ଏଲ୍‌ଆର୍‌ଡି ପାର୍ସଲ ଜାଗାର ଲିଜିଂ ପାଇଁ ଏନ୍‌ଆଇଟି ଯାହା ତା୧୯।୦୯।୨୦୧୯ରିଖରେ ଆଇଆର୍‌ଇପିଏସ୍ ପୋର୍ଟାଲ୍ ଅର୍ଥାତ୍ www.ireps.gov.in ମାଧ୍ୟମରେ ଖୋଲାଯିବା ପାଇଁ ଧାର୍ଯ୍ୟ ହୋଇଥିଲା। ନିମ୍ନଲିଖିତ ଟେଣ୍ଡରଗୁଡ଼ିକର ଏନ୍‌ଆଇଟିଗୁଡ଼ିକୁ ବୈଷୟିକ କାରଣବଶତଃ ପ୍ରତ୍ୟାହାର କରିନିଆଯାଇଛି।

୧. ଟ୍ରେନ୍ ନଂ.୧୨୮୨୬ ଏକ୍ସ. ଆନନ୍ଦ ବିହାର ଟର୍ମିନାଲରୁ ରାଞ୍ଚିର ଏଫ୍-I କମ୍ପାର୍ଟମେଣ୍ଟ (ଟେଣ୍ଡର ନଂ. ଏସ୍‌ଏଲ୍‌ଆର୍-ଏଫ୍ I-୧୨୮୨୬-ଅଗଷ୍ଟ ୧୯) ପ୍ରତ୍ୟାହୃତ ହୋଇଛି।
୨. ଟ୍ରେନ୍ ନଂ.୧୨୮୨୬ ଏକ୍ସ. ଆନନ୍ଦ ବିହାର ଟର୍ମିନାଲରୁ ରାଞ୍ଚିର ଏଫ୍-II କମ୍ପାର୍ଟମେଣ୍ଟ (ଟେଣ୍ଡର ନଂ. ଏସ୍‌ଏଲ୍‌ଆର୍-ଏଫ୍ II-୧୨୮୨୬-ଅଗଷ୍ଟ ୧୯) ପ୍ରତ୍ୟାହୃତ ହୋଇଛି।
୩. ଟ୍ରେନ୍ ନଂ.୧୨୮୨୬ ଏକ୍ସ. ଆନନ୍ଦ ବିହାର ଟର୍ମିନାଲରୁ ରାଞ୍ଚିର ଆର୍-I କମ୍ପାର୍ଟମେଣ୍ଟ (ଟେଣ୍ଡର ନଂ. ଏସ୍‌ଏଲ୍‌ଆର୍-ଆର୍ I-୧୨୮୨୬-ଅଗଷ୍ଟ ୧୯) ପ୍ରତ୍ୟାହୃତ ହୋଇଛି।

ଏନ୍‌ଆଇଟିର ଅନ୍ୟାନ୍ୟ ସୂଚନା ଅପରିବର୍ତ୍ତିତ ରହିବ। 2987/19

**ହର୍ଷର ସହିତ ଗ୍ରାହକଙ୍କ ସେବାରେ**



**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**ନୟାପଲ୍ଲୀ ଶାଖା**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୩୮୫୨୨

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ଚୁକ୍ତି ହାରରେ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ୨) ଶ୍ରୀ ଶିବ ପ୍ରସାଦ ମିଶ୍ର,** ଉଭୟଙ୍କ ବାସସ୍ଥାନ ଠିକଣା- ସି-୬୨, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର | ଟ.୯,୭୫,୭୪୫/- + ସେବାବଦ ସୁଧ | ୩୧.୦୭.୨୦୧୮ / ୧୩.୦୯.୨୦୧୯ | ଶ୍ରୀମତୀ ସ୍ନିଗ୍ଧା ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ସା: ସି-୬୨, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସିଂ ସ୍କିମ୍, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ସି-୬୩, ପଶ୍ଚିମ: ପ୍ଲଟ୍ ନଂ.: ସି-୬୧, ଉତ୍ତର: ପ୍ଲଟ୍ ନଂ.: ସି-୬୭, ଦକ୍ଷିଣ: ୩୦ ଫୁଟିଆ ରାସ୍ତା |
| **ଋଣଗ୍ରହୀତା: ଶ୍ରୀମତୀ ଧୁନା କୁମାରୀ ଦାଶ,** ହାଉସ୍ ନଂ.: ଏଲ୍-୧/୪୧୫, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଫେଜ୍-୩, ଭୁବନେଶ୍ୱର / **ଗ୍ୟାରେଣ୍ଟିଦାତା: ଶ୍ରୀ ମାନବ ନାରାୟଣ ପଟ୍ଟନାୟକ,** ଏଚ୍‌ଆଇଜି-୪୧୪ଇ, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର | ଟ.୪,୩୦,୮୦୮/- + ସେବାବଦ ସୁଧ | ୨୯.୦୩.୨୦୧୯ / ୧୩.୦୯.୨୦୧୯ | ଶ୍ରୀମତୀ ଧୁନା କୁମାରୀ ଦାଶଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଗୃହ ଯାହାର ନଂ.: ଏଲ୍‌ଆଇଜି-୧/୪୧୫, ଡ୍ରଇଂ ନଂ.: ଏଲ୍-୧୨୩୮/୨୦୦୧, ରେଭିନ୍ୟୁ ପ୍ଲଟ୍ ନଂ.: ୧୧୦(ଅଂଶ), ଖାତା ନଂ.: ୫୧୯, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଫେଜ୍-୩, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ହାଉସ୍ ନଂ.: ଏଲ୍-୧-୪୧୪, ପଶ୍ଚିମ: ଏଲ୍-୧-୪୧୬, ଉତ୍ତର: ରାସ୍ତା, ଦକ୍ଷିଣ: ହାଉସ୍ ନଂ.: ଏଲ୍-୧-୪୧୮ |

ସ୍ଥାନ : ଭୁବନେଶ୍ୱର, ତାରିଖ: ୧୭.୦୯.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ



**ଆଗ୍ରହର ପରିପ୍ରକାଶ**

**ରେଡ଼ିଓଲୋଜିକାଲ ଯାଞ୍ଚ ନିମନ୍ତେ ନିଦାନ କେନ୍ଦ୍ର (DIAGNOSTIC CENTRE)/ଚିକିତ୍ସାଳୟଗୁଡ଼ିକର ତାଲିକାଭୁକ୍ତିକରଣ**

ନଂ. ECoR/MD/CH/BBS/Radiology/Tie-up/1193, ତା : 10.09.2019

କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ / ଭୁବନେଶ୍ୱର 03 ବର୍ଷ ସମୟାବଧି ନିମନ୍ତେ ରେଳବାଇ ହିତାଧିକାରୀମାନଙ୍କୁ ରେଡ଼ିଓଲୋଜିକାଲ ଯାଞ୍ଚ ସୁବିଧା ଯୋଗାଇଦେବା ପାଇଁ ଭୁବନେଶ୍ୱର ସ୍ଥିତ ରେଡ଼ିଓଲୋଜିକାଲ ଯାଞ୍ଚ କେନ୍ଦ୍ର /ଚିକିତ୍ସାଳୟ ଗୁଡ଼ିକର ତାଲିକାଭୁକ୍ତିକରଣ ନିମନ୍ତେ ଯୋଜନା ପ୍ରସ୍ତୁତ କରୁଛି।

ୱେବସାଇଟ୍‌ରେ ଉପଲବ୍ଧ ଥିବା ନିର୍ଦ୍ଧାରିତ ଆବେଦନ ପତ୍ରରେ ସମସ୍ତ ଆବଶ୍ୟକୀୟ ନଥିପତ୍ର ସହିତ ରେଡ଼ିଓଲୋଜିକାଲ ଯାଞ୍ଚ କେନ୍ଦ୍ର ପାଇଁ ଜଉମୁଦା ଲଫାପାରେ **ଆଗ୍ରହର ପରିପ୍ରକାଶ (EOI)** ଆମନ୍ତ୍ରଣ କରାଯାଉଛି, ଯାହା ତା **10.10.2019**ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ **ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017** ଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ।

**ଯୋଗ୍ୟତା ମାନଦଣ୍ଡ :**

(1) ରେଡ଼ିଓଲୋଜିକାଲ ସେଣ୍ଟରଗୁଡ଼ିକ ନିଶ୍ଚିତ ଭାବେ ଭୁବନେଶ୍ୱର ସହରରେ ଅବସ୍ଥିତ ହୋଇଥିବ। (2) ନିଦାନ କେନ୍ଦ୍ରରେ ଯୋଗ୍ୟ ରେଡ଼ିଓଲୋଜିଷ୍ଟ ଏବଂ ଟେକ୍ନିସିଆନ୍ ମାନେ ଥିବା ଉଚିତ (ସେମାନଙ୍କ ବାୟୋଡ଼ାଟା ଦାଖଲ କରାଯିବା ଆବଶ୍ୟକ)। (3) ରେଡ଼ିଓଲୋଜିକାଲ ସେଣ୍ଟରଗୁଡ଼ିକ E-LORA, PNDT ଅଧିନିୟମ ଏବଂ ଓଡ଼ିଶା ସରକାରଙ୍କ ଅଧିନରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। (4) ରେଡ଼ିଓଲୋଜିକାଲ ସେଣ୍ଟର ନିକଟରେ ସିଟି ସ୍କାନ୍ ଏବଂ MRI, USG, X-Ray ସହିତ ମାମୋଗ୍ରାଫି (Mammography)ର ସୁବିଧା ଥିବା ଆବଶ୍ୟକ। (5) ରେଳବାଇ ଦ୍ୱାରା ଫାର୍ମମାନଙ୍କୁ ପୈଠ କରାଯିବାକୁ ଥିବା ଉପଯୁକ୍ତ ଦର (Rate) CGHS ଦର ଅନୁଯାୟୀ କିମ୍ବା ତା' ଠାରୁ କମ୍ ହେବ। ଯଦି ଏକ ନିର୍ଦ୍ଦିଷ୍ଟ ଯାଞ୍ଚ ନିମନ୍ତେ CGHS ସୁବିଧା ଉପଲବ୍ଧ ନ ଥାଏ, ତେବେ ସେ କ୍ଷେତ୍ରରେ AIIMS / ଭୁବନେଶ୍ୱର କିମ୍ବା ଅନ୍ୟ ଯେକୌଣସି ସରକାରୀ ଦର ଲାଗୁ ହେବ। ଯଦି ଏକ ନିର୍ଦ୍ଦିଷ୍ଟ ଯାଞ୍ଚ ନିମନ୍ତେ ସରକାରୀ ଚିକିତ୍ସାଳୟ ଦର ଉପଲବ୍ଧ ନ ହେବା ସ୍ଥଳେ ରେଳବାଇ ଏବଂ ସେଣ୍ଟର ମଧ୍ୟରେ ହୋଇଥିବା ପାରସ୍ପରିକ ବୁଝାମଣାପତ୍ର ଅନୁଯାୟୀ ଯଥୋଚିତ ଦର ପ୍ରଦାନ କରାଯିବ। (6) ସେଣ୍ଟର ମାସିକ ଭିତ୍ତିରେ ବିଲ୍ ପୈଠ ଉପରେ ନଗଦ ବିହୀନ ସେବା (Cashless Service ) ଗ୍ରହଣ କରିବାକୁ ଇଚ୍ଛୁକ ଥିବା ଦରକାର। (7) ଯୋଗ୍ୟତା ମାନଦଣ୍ଡ ଏବଂ ଉପଲବ୍ଧ ସୁବିଧାଜନିତ ସୁନିଶ୍ଚିତତା ନିମନ୍ତେ ଆଗ୍ରହର ପରିପ୍ରକାଶ (EOI) ପ୍ରାପ୍ତ ପରେ କେନ୍ଦ୍ରୀୟ ଚିକିତ୍ସାଳୟରୁ ଡ଼ାକ୍ତରଙ୍କ ଏକ କମିଟି ନିଦାନ କେନ୍ଦ୍ର / ଚିକିତ୍ସାଳୟ ପରିଦର୍ଶନ କରିବେ। (8) ରିପୋର୍ଟଗୁଡ଼ିକ ସେହିଦିନ ଯୋଗାଇ ଦେବା ଆବଶ୍ୟକ କିମ୍ବା ଅତି କମ୍‌ରେ ସେଗୁଡ଼ିକୁ SMS / WhatsApp ମାଧ୍ୟମରେ ପରାମର୍ଶ ଦେଇଥିବା ଚିକିତ୍ସକଙ୍କୁ ସୂଚିତ କରାଯିବା ଆବଶ୍ୟକ, ଯାହା ଫଳରେ ତଦନୁଯାୟୀ ଚିକିତ୍ସା ସେବା ଆରମ୍ଭ କରାଯାଇପାରିବ।

ସ୍ପଷ୍ଟୀକରଣ ନିମନ୍ତେ - ଦୟାକରି ସମ୍ପର୍କ କରନ୍ତୁ : **ଚିକିତ୍ସା ନିର୍ଦ୍ଦେଶକ / କେନ୍ଦ୍ରୀୟ ଚିକିତ୍ସାଳୟ / ପୂର୍ବ ତଟ ରେଳପଥ / ଭୁବନେଶ୍ୱର-751017, ଫୋନ୍ ନଂ.: 0674-2748895, ଇମେଲ୍ : medicaldirector8@gmail.com**

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ୱେବସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

PR-372/K/19-20 ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ, ଭୁବନେଶ୍ୱର

**ପୂର୍ବ ତଟ ରେଳପଥ**

## ସଂକ୍ଷେପରେ

### ୬ ଦିନରେ ଧାନ ଗଛରୁ ଥୋଡ଼ ବାହାରିବା ଘଟଣା

## କ୍ଷେତ ଅନୁଧ୍ୟାନ କଲେ ବିଶେଷଜ୍ଞ ଟିମ୍

**ରାଜନଗର, ୧୭।୯ (ଡି.ଏନ୍.ଏ.):** ରାଜନଗର ବ୍ଲକ ଗୋବର୍ଦ୍ଧନପୁର ଓ ନୁରୁଗାଁ ଗ୍ରାମରେ ଚାଷୀମାନେ ତଳି ରୋଇବାର ଦିନ କେଇଟା ପରେ ସେଥିରୁ ଥୋଡ ବାହରିବା ନେଇ ହତାସ ହୋଇପଡ଼ିଥିବା ବେଳେ ସୋମବାର କଟକସ୍ଥିତ ସିଆର୍ଆର୍ଆଇ (କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର)ର ବିଶେଷଜ୍ଞ ଟିମ୍ ରାଜନଗରରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। କମ୍ ଦିନରେ ଧାନଗଛରୁ ଥୋଡ ବାହାରିଥିବା ଜମିକୁ ଯାଇ ଅନୁଧ୍ୟାନ କରିବା ପରେ ଉକ୍ତ ଜମିରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବା ଆଶଙ୍କା ଥିବା ଏହି ଟିମ୍ ପକ୍ଷରୁ କୁହାଯାଇଛି। ଏହାପରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏହି ଟିମ୍‌ରେ ସିଆର୍ଆର୍ଆଇର ବୈଜ୍ଞାନିକ ଡ. ଶ୍ରୀକାନ୍ତ ଲେଙ୍କା, ବୈଜ୍ଞାନିକ ଡ. ସୁଶାନ୍ତ କୁମାର ଦାସ, ଜିତେନ୍ଦ୍ରୀୟ ମେହେର, ବୈଜ୍ଞାନିକ ଡ. ବିପିନି ବିହାରୀ ପଣ୍ଡା ପ୍ରମୁଖ କେତେଜଣ ଚାଷୀଙ୍କୁ ଭେଟି ଆଲୋଚନା କରିଥିଲେ।

### ବିଦ୍ୟାଳୟରେ ଦଳିତ ଛାତ୍ରଙ୍କୁ ଅସଦାଚରଣ ଘଟଣା

## ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ଡେରାବିଶ ୧୭।୯(ସ୍ୱପ୍ର) :** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତର ଏକ ସ୍କୁଲରେ ଜଣେ ଶିକ୍ଷକ ସେହି ବିଦ୍ୟାଳୟର ଜଣେ ଛାତ୍ରଙ୍କ ସହ ଅସଦାଚରଣ କରିଥିବା ଘଟଣା ପଦାକୁ ଆସିଛି। ଗତ ଶନିବାର ଏହି ଘଟଣା ଘଟିଥିବା ବେଳେ ଏହାକୁ ଚପାଇ ଦେବାକୁ ଉଦ୍ୟମ ହୋଇଥିଲା। ଥାନାରେ ଏ ସମ୍ପର୍କରେ ଅଦ୍ୟାବଧି କୌଣସି ଅଭିଯୋଗ ହୋଇନାହିଁ। ଏନେଇ ମଙ୍ଗଳବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶପାଇବା ପରେ ଜିଲାପାଳ ସମର୍ଥ ବର୍ମା ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲା ଶିଶୁସୁରକ୍ଷା ଅଧିକାରୀ ଓ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ବିଭାଗ ଅଧିକାରିଣୀ ସ୍ମିତାଞ୍ଜଳି ମହାପାତ୍ର ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏସମ୍ପର୍କରେ ସେ ପ୍ରଧାନଶିକ୍ଷକଙ୍କଠାରୁ ସବିଶେଷ ବିବରଣୀ ନେଇଥିଲେ। ମହାପାତ୍ରଙ୍କ ତଦନ୍ତ ଟିମ୍‌ରେ ଆଇନ ପରାମର୍ଶଦାତା ବିବେକାନନ୍ଦ ଅତବୁଦ୍ଧି ଓ ସଭ୍ୟା ଲଳିତାଞ୍ଜଳି ଦାସ ସାମିଲ ହୋଇଥିଲେ। ଅପରପକ୍ଷେ ଲୋକ ଲଜ୍ଜାରେ ଛାତ୍ର ଜଣକ ବିଦ୍ୟାଳୟକୁ ଆସୁ ନଥିବା ବେଳେ ସ୍ଥାନୀୟ ଅଞ୍ଚଳ କିଛି ବ୍ୟକ୍ତିଙ୍କ ମାଧ୍ୟମରେ ପୀଡ଼ିତ ପରିବାରଙ୍କ ସହ ଆପୋସ ବୁଝାମଣା ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

## ପ୍ରଧାନମନ୍ତ୍ରୀଙ୍କ ୬୯ତମ ଜୟନ୍ତୀ ପାଳିତ

**ପଟ୍ଟାମୁଣ୍ଡାଇ, ୧୭।୯ (ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ବନ୍ତପାଟଣା ହନୁମାନ ମଣ୍ଡପଠାରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦିଙ୍କ ୬୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଯୁବନେତା ଅଶ୍ୱିନୀ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନୟନ କୁମାର ଗିରି, ମହେଶ୍ୱର ମଲିକ, ଅଜିତ୍ କୁମାର ଦାସ, ସୁଶାନ୍ତ କୁମାର ରାଉତ, ଟୁଟୁ ମଲିକ, ବିଜୟ ନାଥ, ଗଣେଶ୍ୱର ବାରିକ, ସୁବାସ ବାରିକ, ସନ୍ଦିପ ସାହୁ, ରାମଚନ୍ଦ୍ର ନାଥଙ୍କ ସମେତ ବହୁ ଯୁବକର୍ମୀ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ମାର୍ଶାଘାଇ, ୧୭।୯ (ଡି.ଏନ୍.ଏ.):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ମଙ୍ଗଳବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କ୍ରୀଡା ସଂଯୋଜକ ଦୁର୍ଯ୍ୟୋଧନ ଜେନାଙ୍କ ସଂଯୋଜନାରେ ଫୁଟବଲ, ଭଲିବଲ, ବ୍ୟାଡମିଣ୍ଟନ, ଖୋଖୋ, କବାଡି ଏବଂ ଯୋଗ ଆଦି ଦଳଗତ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ବ୍ଲକସ୍ତରୀୟ ଟିମ୍ ଗଠନ କରାଯାଇଛି। ସେହି ଟିମ୍ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଉଦଘାଟନୀ କାର୍ଯ୍ୟକ୍ରମରେ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ରାମସାର ଜିଲା ସଂଯୋଜକ ପୀତବାସ ପଣ୍ଡା, ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଅଦ୍ୱୈତ ପ୍ରସାଦ ବରାଳ, ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ପାଇକରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଅଧୀନ ୨୫ ଟି ହାଇସ୍କୁଲର ୧୦୪ ପ୍ରତିଯୋଗୀ ଓ କ୍ରୀଡା ଶିକ୍ଷକମାନେ ଯୋଗଦେଇଥିଲେ।

# ଚାଷ ପାଇଁ ଭିତ୍ତିଭୂମି ନାହିଁ: ଚିନ୍ତାରେ ଚାଷୀ

**କେନ୍ଦ୍ରାପଡା ଅଫିସ, ୧୭।୯**

- ମିଳୁନାହିଁ ସରକାରୀ ସାର,କୀଟନାଶକ
- ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ
- ଧାନ ଫସଲରେ ଲାଗୁଛି ପୋକ

ଶିଳ୍ପ ଓ ଅନ୍ୟାନ୍ୟ ଭିତ୍ତିଭୂମି ନ ଥିବାରୁ କେନ୍ଦ୍ରାପଡ଼ା ଜିଲାବାସୀ କୃଷିକୁ ଆଦରି ନେଇଛନ୍ତି। ଜିଲାର ୬୮ ପ୍ରତିଶତ ଅଞ୍ଚଳରେ ଖରିଫ ଚାଷ କରି ଜୀବିକାନିର୍ବାହ କରୁଛନ୍ତି। ତେବେ ଚାଷ ପାଇଁ ଭିତ୍ତିଭୂମି ନ ଥିବାରୁ ଚାଷୀଙ୍କ ଚିନ୍ତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଜିଲାରେ ଚାଷ ପାଇଁ ସରକାରୀ ସାର ମିଳୁ ନ ଥିବାବେଳେ ଅଳ୍ପ ଦିନ ଭିତରେ ସରକାରୀ ବିହନରେ ପଡ଼ିଥିବା ତଳିରୁ ଥୋଡ଼ ବାହାରୁଥିବା ଅଭିଯୋଗ ହୋଇଛି। ସେହିପରି ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ଓ ଧାନରେ ପୋକ ବାହାରୁଥିବାରୁ ଅନେକ ସମୟରେ ଫସଲ ନଷ୍ଟ ହେଉଛି। କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୋ, ଚକ୍ରୋଡା ଓ ଓସ୍ତପୁର ଆଦି ପଞ୍ଚାୟତରେ ଧାନ ଫସଲରେ କାଣ୍ଡବିନ୍ଧା ଓ ପତ୍ରମୋଡା ରୋଗ ଦେଖାଦେଇଛି। ଏନେଇ ଏସବୁ ପଞ୍ଚାୟତର ଅନେକ ଚାଷୀ ମଙ୍ଗଳବାର ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚକ୍ରୋଡାର ଗୌରାଙ୍ଗ ବାରିକ, ଦଧିବାମନ ନାୟକ, ବାରୋ ପଞ୍ଚାୟତର ବସନ୍ତ କୁମାର ପ୍ରଧାନ, ମହେନ୍ଦ୍ର ନାୟକ, ଶଙ୍କର ବାରିକ ଏବଂ ଓସ୍ତପୁରର ବାବାଜି ପ୍ରଧାନ କୁହନ୍ତି, ଚାଷ ଜମିରେ ପୋକ ଲାଗିଥିବାରୁ ରିହାତି ଦରରେ ସରକାରୀ ସାର ଏବଂ କୀଟନାଶକ ଯୋଗାଇଦେବା ପାଇଁ କୃଷି ଅଧିକାରୀଙ୍କୁ ଭେଟିଥିଲୁ। ଆସନ୍ତା ସପ୍ତାହରେ ଏହା ଆସିବ କହି ସେ ଆମକୁ ଫେରାଇ ଦେଇଛନ୍ତି। ମାତ୍ର ସେତେବେଳକୁ ସବୁ ଫସଲ ନଷ୍ଟ ହୋଇଯାଇଥିବ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ସେହିପରି ସରକାରୀ ଧାନ ବିହନରେ ପଡ଼ିଥିବା ତଳିରୁ ମାତ୍ର ୨୬ ଦିନରେ ଥୋଡ଼ ବାହାରିବା ସମସ୍ୟାର ସମାଧାନ ଖୋଜି ପାଉ ନ ଥିବା ବେଳେ ସାର ମିଳୁ ନ ଥିବାରୁ ଖୋଲା ବଜାରରୁ ଅଧିକ ଦରରେ କିଣିବାକୁ ଚାଷୀ ବାଧ୍ୟ ହେଉଛନ୍ତି। ଏପରିକି ୟୁରିଆ ବସ୍ତାପ୍ରତି ୫୦୦ ଟଙ୍କା ଦରରେ ଖୋଲା ବଜାରରୁ କିଣିବାକୁ ପଡୁଛି ବୋଲି ଚାଷୀ କହିଛନ୍ତି। ଏହାଛଡା ମୌସୁମୀ ବର୍ଷା ଓ ମହାନଦୀ, ବାହ୍ମଣୀ ସିଷ୍ଟମରେ ଆସିଥିବା ବନ୍ୟା ଜଳ ଅଦ୍ୟାବଧି ତଳୁଆ ଅଞ୍ଚଳରେ ଥିବା ଚାଷ ଜମିଗୁଡ଼ିକରେ ଜମି ରହିଛି। ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି।

ସୂଚନାଯୋଗ୍ୟ, ଜିଲାରେ ୧, ୭୨, ୩୧୩ ଜଣ ଚାଷୀ ଥିବା ବେଳେ ୧,୮୨,୧୮୪ ହେକ୍ଟର ଚାଷୋପଯୋଗୀ ଜମି ରହିଛି। ଚଳିତ ବର୍ଷ ୧ଲକ୍ଷ ୫୨ ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଅଦ୍ୟାବଧି ଜିଲାରେ ୧,୨୪,୪୬୦ ହେକ୍ଟରରେ ଧାନ ଚାଷ ହୋଇଥିବା ନେଇ ଜିଲା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି।

ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ କୁହନ୍ତି, ଜିଲାରେ ଆଳି, ରାଜକନିକା ଓ ରାଜନଗର ବ୍ଲକରେ ଆଦୌ କେନାଲ ନାହିଁ। ମହାକାଳପଡ଼ାରେ ମାତ୍ର ୨୦ ପ୍ରତିଶତ ଚାଷ ଜମିକୁ କେନାଲ ମାଧ୍ୟମରେ ଜଳସେଚନ ହେଉଛି। ତେବେ ଜିଲାର ଅନ୍ୟାନ୍ୟ ବ୍ଲକରେ ମୋଟ ୪୫,୯୧୪ ହେକ୍ଟର ଚାଷ ଜମିରେ ଜଳସେଚନ ହେଉଥିବା ଦର୍ଶାଇ ଦୀର୍ଘବର୍ଷ ଧରି ଜଳକର ଆଦାୟ ହେଉଛି। ଅପରପକ୍ଷରେ ଚଳିତ ଖରିଫ ଋତୁରେ ମୋଟ ୪୦,୨୦୭ ହେକ୍ଟର ଅଞ୍ଚଳକୁ କେନାଲ ମାଧ୍ୟମରେ ଜଳସେଚନ ହେଉଥିବା କୃଷି ବିଭାଗ ପକ୍ଷରୁ ଜଣାପଡିଛି। ସେହିପରି ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ଗହଗାପାଟର ୮୧୬ ହେକ୍ଟର ଜମିରେ ପାଣି ଜମି ନଷ୍ଟ ହୋଇଥିବା ଧଳ କହିଛନ୍ତି। ଜିଲାର ଅନେକ ଚାଷୀ ଋଣ କରି ଚାଷ କରିଥିବାବେଳେ ଏସବୁ ସମସ୍ୟା ଯୋଗୁ ଋଣ ଶୁଝିବା ନେଇ ଚିନ୍ତାରେ ପଡ଼ିଛନ୍ତି।

ଏ ସମ୍ପର୍କରେ କୃଷି ଉପନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ କୁହନ୍ତି, ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅଳ୍ପ ଦିନରେ ଧାନ ଗଛରୁ ଥୋଡ ବାହାରିବା ସମସ୍ୟା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ସୋମବାର ୫ ଜଣ କୃଷି ବୈଜ୍ଞାନିକ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ତଦନ୍ତ ରିପୋର୍ଟ ଆସିଲେ ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ସାରର ଅଭାବ ସମ୍ପର୍କରେ ସେ କୁହନ୍ତି, ଆସନ୍ତା ବୁଧବାର ଭଦ୍ରକରୁ ସାର ଆସିବ। ଏହି ସାର ଆସିବା ପରେ ଜିଲାରୁ ସାର ଅଭାବଜନିତ ସମସ୍ୟା ଦୂର ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ବିଶ୍ୱକର୍ମା ପୂଜା ପାଇଁ ଡେରାବିଶ ଚଳଚଞ୍ଚଳ

**ଡେରାବିଶ,୧୭।୯(ସ୍ୱ.ପ୍ର.)**



ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ମଙ୍ଗଳବାର ଡେରାବିଶ ଚଳଚଞ୍ଚଳ ହୋଇଉଠିଛି। ବ୍ଲକର ପୁରପଲ୍ଲୀରେ ଏହା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପାଣିଓଳାସ୍ଥିତ ସେସୁ କାର୍ଯ୍ୟାଳୟ, ଏନଜେନ କାର୍ଯ୍ୟାଳୟ, ଖମୋଳ ଛକସ୍ଥିତ ଏନ୍ଏମ. ଆଇଟିସି, ଚାନ୍ଦୋଳ ଭଗବତୀ ମୋଟର୍ସ, ଦାନପୁର ଦୂରଭାଷ କାର୍ଯ୍ୟାଳୟ, ଚାନ୍ଦୋଳ କଲେଜଛକସ୍ଥିତ ସୁଭମ୍ ଇଞ୍ଜିନିୟରିଂ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ସେହିପରି ଖରିଦାସାହିସ୍ଥିତ ଆନନ୍ଦମୟୀ ଫ୍ଲାଏ ଆସ୍ ଫ୍ୟାକ୍ଟ୍ରି ସମେତ ବିଭିନ୍ନ ଘରୋଇ ବ୍ୟବସାୟ ପ୍ରତିଷ୍ଠାନ ଓ କୁଟୀର ଶିଳ୍ପ କେନ୍ଦ୍ରରେ ଏହି ପୂଜା ସମ୍ପନ୍ନ ହୋଇଛି। ଏନେଇ ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

## ବରିଷ୍ଠ ରାଜମିସ୍ତ୍ରିଙ୍କୁ ସମ୍ବର୍ଦ୍ଧନା

**ମାର୍ଶାଘାଇ, ୧୭।୯ (ଡି.ଏନ୍.ଏ.)**

ମାର୍ଶାଘାଇ ଲକ୍ ଛକଠାରେ ବିଶ୍ୱକର୍ମା ରାଜମିସ୍ତ୍ରି ସଂଘ ତରଫରୁ ମଙ୍ଗଳବାର ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୫ ବରିଷ୍ଠ ରାଜମିସ୍ତ୍ରିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ମାର୍ଶାଘାଇର କୁଳମଣି ରାଉତ, ରୂପାକର ପ୍ରଧାନ, ଜୁଣର ରମେଶ ମାଝି, ତୁଳସୀପୁରର କୁଳମଣି ସ୍ୱାଇଁ ଏବଂ ଗତାନଇର ନବଘନ ସ୍ୱାଇଁ। ସଂଘ ସଭାପତି ବସନ୍ତ କୁମାର ବସନ୍ତିଆଙ୍କ ସଭାପତିତ୍ୱରେ ଅଲଟ୍ରାଟେକ ସିମେଣ୍ଟ କମ୍ପାନୀର ଟେକନିକାଲ ଇଂଜିନୟର ମିକଲେସ ରାୟ, କେନ୍ଦ୍ରାପଡା ଜିଲା ମୁଖ୍ୟ ମାର୍କେଟିଂ ଅଧିକାରୀ ରମାକାନ୍ତ ଭାରତୀ, କନିଷ୍ଠ ଅଧିକାରୀ ଅନିଲ ମହାନ୍ତି ଯୋଗଦେଇଥିଲେ। ସଂଘ ସମ୍ପାଦକ ମାନସ ରାୟ, ରାଜମିସ୍ତ୍ରି ହେମନ୍ତ ବେହେରା, ବାବୁଲି ସାହୁ, ଗଣେଶ ସ୍ୱାଇଁ, ସୁଶାନ୍ତ କୁମାର ବସନ୍ତିଆ, ଉତ୍ତମ ସ୍ୱାଇଁ, ବଳରାମ ନାୟକ, ହେମନ୍ତ ନାୟକ, ସଞ୍ଜୟ ଯେନା, ଗୌତମ ବସନ୍ତିଆ, ପ୍ରଶାନ୍ତ ବସନ୍ତିଆ, ଦିବାକର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।




ରାଜମିସ୍ତ୍ରିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଏମ୍ଏନ୍ ହାଇସ୍କୁଲରେ ପ୍ରଧାନଶିକ୍ଷକ ସମ୍ମିଳନୀ

**ପଟ୍ଟାମୁଣ୍ଡାଇ, ୧୭।୯ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକସ୍ଥିତ ଏମ୍ଏନ୍ ହାଇସ୍କୁଲରେ ବ୍ଲକ ଅଧୀନ ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏମଏନ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ରାମ୍‌ସା ସଂଯୋଜକ ପୀତବାସ ପଣ୍ଡା, ଉପଦେଷ୍ଟା ବିଷ୍ଣୁଜିତ ରାଉତ, ବିଜ୍ଞାନ ସୁପରଭାଇଜର ଅଜୟ କୁମାର ପ୍ରତିହାରୀ, ବିଇଓ ଭ୍ରମରବର ବିଶ୍ୱାଳ, ସହକାରୀ ଶିକ୍ଷାଧିକାରୀ ପ୍ରଦୀପ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ପରିଡ଼ା, ବ୍ଲକ ନୋଡାଲ ଅଫିସର ସୁରେଶ କୁମାର ଜେନା, ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲ ପ୍ରଧାନଶିକ୍ଷକ ଭାସ୍କର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏମ୍ଏନ୍ ହାଇସ୍କୁଲ ସହକାରୀ ଶିକ୍ଷୟିତ୍ରୀ ଆରାଧନା ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସ୍କୁଲ ପିଲାଙ୍କ ବ୍ୟାଗର ଓଜନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ସ୍କୁଲକୁ ଦୈନିକ କେତେଜଣ ଛାତ୍ରୀଛାତ୍ର ଆସୁଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣ ମଧ୍ୟାହ୍ନଭୋଜନ ଖାଇବେ ତାର ହିସାବ ୧୦ ଟାରୁ ୧୦ଟା ୪୫ ମିନିଟ ମଧ୍ୟରେ ପ୍ରଧାନଶିକ୍ଷକମାନେ ସିଆରସିସିଙ୍କୁ ଜଣାଇବେ। ଏହାପରେ ସିଆରସିସି ବିଇଓଙ୍କୁ ଜଣାଇବେ। ବିଇଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବେ ବୋଲି ସମ୍ମିଳନୀରେ ନିଷ୍ପତ୍ତି ହୋଇଥିଲା। ଏହି ସମ୍ମିଳନୀରେ ନବୋଦୟ ସ୍କୁଲ ସହିତ ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ତ ହାଇସ୍କୁଲ, ୟୁପି, ନୋଡାଲ ୟୁପି ଓ ବେସରକାରୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।




ସମ୍ମିଳନୀରେ ଯୋଗଦେଇଥିବା ପ୍ରଧାନଶିକ୍ଷକମାନେ।

## ଯୁବତୀଙ୍କ ବ୍ୟାଗ୍ ଛଡ଼ାଇନେଲେ ଦୁର୍ବୃତ୍ତ

**ରାଜକନିକା,୧୭।୯(ଡି.ଏନ୍.ଏ.)**

ରାଜକନିକା ଥାନା ଅନ୍ତର୍ଗତ ସିକୋ ଅଞ୍ଚଳର ସୁନତୀ ନାୟକ ମଙ୍ଗଳବାର ଅପରାହ୍ନରେ ପିଉସୀ ଘରୁ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ସେ ସାଇକେଲ୍‌ରେ ଘରକୁଆସୁଥିବା ବେଳେ ଆୟତନ ପ୍ରାଇମେରୀ ସ୍କୁଲ ନିକଟରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ସାଇକେଲ ବାସ୍କେଟରୁ ବ୍ୟାଗ୍ ନେଇ ଦ୍ରୁତ ବେଗରେ ଚାଲିଯାଇଥିଲେ। ଉକ୍ତ ବ୍ୟାଗ୍‌ରେ ଏଟିମ୍ କାର୍ଡ, ଆଧାରକାର୍ଡ ଓ ମୋବାଇଲ ରହିଥିଲା ବୋଲି ସୁନତୀ କହିଛନ୍ତି। ଅନୁରୂପ ଭାବେ ୭ ଦିନ ପୂର୍ବେ ନନ୍ଦିମାହାରା ରାସ୍ତାରେ ସିକୋ ଗାଁର ଅନ୍ୟ ଜଣେ ଯୁବତୀଙ୍କଠାରୁ ଦୁର୍ବୃତ୍ତମାନେ ବ୍ୟାଗ୍ ଛଡାଇ ନେଇଥିଲେ।

## ସ୍କୁଲରେ ପାଠ ପଢ଼ାଇଲେ ଜିଲାପାଳ

**ରାଜକନିକା,୧୭।୯,(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ମଙ୍ଗଳବାର ରାଜକନିକା ବ୍ଲକ ଗସ୍ତ କରି ଶହୀଦ ସଚ୍ଚିଦା ନନ୍ଦ ମଲ୍ଲିକଙ୍କ ସ୍ମୃତିପୀଠ ବୁଲି ଦେଖିବା ସହ ଅବଦୁଲପୁରସ୍ଥିତ ଇଶାନେଶ୍ୱର ଉଚ୍ଚବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଥିଲେ। ସେ ପିଲାମାନଙ୍କୁ ପାଠ ପଢ଼ାଇବା ସମୟରେ ବିଭିନ୍ନ ପ୍ରଶ୍ନପଚାରି ପୁରସ୍କୃତ କରିଥିଲେ। ଜିଲାପାଳ ପ୍ରଥମେ ରାଜକନିକାସ୍ଥିତ ଶହୀଦ ମଲ୍ଲିକଙ୍କ ସ୍ମୃତିପୀଠ ପରିଦର୍ଶନ କରି କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ପରେ ଏହାର ବିକାଶ ନିମନ୍ତେ ଏମ୍‌ପିଙ୍କ ଫଣ୍ଡରୁ ୨୦ ଲକ୍ଷ ଟଙ୍କା ଯୋଗାଇ ଦେବା ଲାଗି ଜିଲାପାଳ ଘୋଷଣା କରିଥିଲେ। ତାଙ୍କର ଏହି ଗସ୍ତବେଳେ ସ୍ମୃତି କମିଟିର ସଭାପତି ଶିବରାମ ଦାସ ,ସମ୍ପାଦକ ବାସୁଦେବ ମଲ୍ଲିକ, ଖରସ୍ରୋତା ସାଂସ୍କୃତିକ ପରିଷଦର ସଭାପତି ଲକ୍ଷ୍ମୀଧର ରାଉତ, ପ୍ରାକ୍ତନ ସମ୍ପାଦକ ନାରାୟଣ ଚନ୍ଦ୍ର ଧଳ, ଚରପଡା ପଞ୍ଚାୟତର ପ୍ରାକ୍ତନ ସମିତିସଭ୍ୟ ସରୋଜକାନ୍ତ ବଳ ଓ ପ୍ରକାଶ ଚନ୍ଦ୍ର ଯେନା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଜିଲାପାଳ ବର୍ମା ଖରସ୍ରୋତା ସାଂସ୍କୃତିକ ପରିଷଦ ସଭାଗୃହରେ ବସି ପଶ୍ଚିମକନିକା ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଖରସ୍ରୋତା ସେତୁର ଆପ୍ରୋଚ ରାସ୍ତା ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ସେ କହିଥିଲେ। ଏଥିସହ ଦାମୋଦରପୁର ସେତୁ ଦୁରବସ୍ଥା ପ୍ରତି ଦୃଷ୍ଟି ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ।

## ବିଭିନ୍ନ ସ୍ଥାନରେ ଦେବଶିଳ୍ପୀଙ୍କ ଆରାଧନା

**ମାର୍ଶାଘାଇ, ୧୭।୯ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଶିଳିପୁର ରାଜମିସ୍ତ୍ରି ସଂଘ, ଶିଳିପୁରସ୍ଥିତ ଏନ୍‌ଜେଏନ୍ ଡିଭିଜନ ଅଫିସ, ଜୁଣସ୍ଥିତ ସେସୁ ଡିଭିଜନ ଅଫିସ, ପିଏନଏସ ଆଇଟିଆଇ, ଗରଜଙ୍ଗାସ୍ଥିତ ତାରିଣୀ ଆଇଟିଆଇ, କୃସିଙ୍ଗସ୍ଥିତ ହିରୋ ଶୋ ରୁମ୍, ଆରକେ ଇଣ୍ଡଷ୍ଟ୍ରି, ପୁରୁଷୋତ୍ତମପୁରସ୍ଥିତ ବିଦ୍ୟୁତ ଷ୍ଟ୍ରକଚର, ମାର୍ଶାଘାଇ ରାଜମିସ୍ତ୍ରି ସମେତ ବିଭିନ୍ନ ଗ୍ୟାରେଜ, ପେଟ୍ରୋଲ ପମ୍ପରେ ଦେବଶିଳ୍ପୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

## ପରିମଳ, ରାସ୍ତା ମରାମତି ଉପରେ ଗୁରୁତ୍ୱ

**ଆଳି, ୧୭।୯ (ଡି.ଏନ୍.ଏ.)**

### ଦୁର୍ଗାପୂଜା ଶାନ୍ତି କମିଟି ବୈଠକ

ଆଳି ବ୍ଲକ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବା ନିମନ୍ତେ ମଙ୍ଗଳବାର ଅପରାହ୍ନରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଳି ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ଏହି ବୈଠକରେ ତହସିଲଦାର ଜୟନ୍ତ କୁମାର ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ଏଥିରେ ଯୁବନେତା ପ୍ରଦ୍ୟୁମ୍ନ ଦାଶ, ଆଳି ଥାନା ଆଇଆଇସିଙ୍କ ପ୍ରତିନିଧି ପ୍ରମୋଦ ଲେଙ୍କା, ସଂଯୋଜକ ଅକ୍ଷୟ ମଲିକ ଓ ବଜାର କମିଟି ପ୍ରତିନିଧି ବସନ୍ତ ରଥ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବି ଚିରଞ୍ଜୀବୀ ଦାସ ଓ ଶିକ୍ଷାବିତ୍ ପ୍ରମୋଦ ମଲ୍ଲିକ ଯୋଗଦେଇ ପୂଜା ବେଳେ ଆଇନ ଶୃଙ୍ଖଳା ରକ୍ଷା, ପରିମଳ ବ୍ୟବସ୍ଥା ସୁଧାରିବା ଓ ବିପର୍ଯ୍ୟସ୍ତ ରାସ୍ତା ମରାମତି ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ଦୁଇଦିନ ପୂର୍ବେ କେନ୍ଦ୍ରାପଡ଼ା ଜିଲାପାଳ ସାମର୍ଥ ବର୍ମା ଆଳି ଗସ୍ତ କରି କଟକ-ଚାନ୍ଦବାଲି ରାସ୍ତା ପ୍ରଶସ୍ତୀକରଣ ହେବାପରେ ରାସ୍ତାକୁ ମାଡ଼ି ଆସି ଦୋକାନ କରିଥିବା ବ୍ୟବସାୟ ପ୍ରତିଷ୍ଠାନ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ କିଛିଦିନ ପାଇଁ ଘୁଞ୍ଚାଇ ଦେବାକୁ ବଜାର କମିଟି ପକ୍ଷରୁ ନିବେଦନ କରାଯାଇଥିଲା। ଆଳି ରାଜବାଟିଠାରୁ ନୂଆବଜାର ରାସ୍ତା ମରାମତି ଓ ରାସ୍ତାକଡ଼ରେ ଜମି ରହିଥିବା ଅଳିଆ ଆବର୍ଜନା ସଫା କରିବାକୁ ଆଳି ଆର୍ଆଣ୍ଡବି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୂଜା କମିଟି ସଦସ୍ୟ ଅମର ରାଉତ, ବସନ୍ତ ନାୟକ, ଅଶୋକ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଜୟ ହନୁମାନ ପୂଜା କମିଟି, ଦୁର୍ଗା ଉତ୍ସବ କମିଟି, ରାମାଭିଷେକ କମିଟି, ମହାବୀର କମିଟି, ହରପାର୍ବତୀ କମିଟି, ଲକ୍ଷ୍ମୀନାରାୟଣ କମିଟି, ଆଳି ରାଜବାଟି ପାରମ୍ପରିକ ଦୁର୍ଗାପୂଜା କମିଟି, ନିଆଳ ଦୁର୍ଗାପୂଜା କମିଟି, ବଡ ବଜାର ପୂଜା କମିଟି, ପୋଷ୍ଟଅଫିସ୍ ହରପାର୍ବତୀ ପୂଜା କମିଟି ଓ ବାଳକାଟି ଶାରଦୀୟ ଦୁର୍ଗାପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ୨୭ ତାରିଖରେ ପରବର୍ତ୍ତୀ ଶାନ୍ତି କମିଟି ବୈଠକ ବସିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

## ଶିଶୁ ସାହିତ୍ୟିକଙ୍କ ସ୍ମୃତିସଭା



ଅତିଥିମାନେ ସ୍ମରଣିକା ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଡେରାବିଶ, ୧୭।୯ (ସ୍ୱ.ପ୍ର.)**

ବିଶିଷ୍ଟ କବି, ଶିଶୁ ସାହିତ୍ୟିକ ତଥା ସାମାଜିକ କର୍ମୀ ସ୍ୱର୍ଗତ କୁଳମଣି ରାଉତଙ୍କ ଏକାଦଶାହ ଉପଲକ୍ଷେ ମଙ୍ଗଳବାର ଏକ ସ୍ମୃତିସଭା ତାଙ୍କ ଗ୍ରାମ ଡେରାବିଶ ବ୍ଲକ କୁରୁଜଙ୍ଗାଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପଠାଣୀ ସାମନ୍ତ ପ୍ଲାନେଟାରିୟମର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରହ୍ଲାଦ ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ଉଚ୍ଚ ଶିକ୍ଷା ବିଭାଗର ପ୍ରାକ୍ତନ ପ୍ରମୁଖ ଶାସନ ସଚିବ ରାହାସ ବିହାରୀ ନାୟକ ମୁଖ୍ୟଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀର ଆବାହକ ଡା. ବିଜୟାନନ୍ଦ ସିଂ ମୁଖ୍ୟ ବକ୍ତା ଏବଂ ଉତ୍କଳ ସାହିତ୍ୟ ସମାଜ ସଭାପତି ତରୁଣ କୁମାର ସାହୁ, କେନ୍ଦ୍ରାପଡ଼ା ସାହିତ୍ୟ ସଂଘ ସଭାପତି ବାସୁଦେବ ଦାସ ଓ ପ୍ରାକ୍ତନ ଶିକ୍ଷକ ରଘୁନାଥ ସିହ୍ନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱର୍ଗତ ରାଉତଙ୍କ ରଚିତ ଶିଶୁ ସାହିତ୍ୟ କୁନି କୁନି ପିଲାଙ୍କ ପ୍ରତିଭା ବିକାଶ ଦିଗରେ ମାର୍ଗଦର୍ଶକର ଭୂମିକା ନିର୍ବାହ କରିପାରୁଥିଲା ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ଲେଖକଙ୍କ ଦ୍ୱାରା ଲିଖିତ ହୋଇଥିବା ସ୍ମରଣିକା 'କୁଳ ପ୍ରଦୀପ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଭାରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନେତା ବିଜୟ ମହାପାତ୍ର, ବଟକୃଷ୍ଣ ରାଉତ, ରବୀନ୍ଦ୍ରଚନ୍ଦ୍ର ରାଉତ, ଦିବାକର ରାଉତ, ଉପେନ୍ଦ୍ର ପ୍ରଧାନ, ବିଜୟ ନାୟକ, ଗୋଲଖଚନ୍ଦ୍ର ସାହୁ ଓ ଅଭିମନ୍ୟୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଜିଲା ସାହିତ୍ୟ ସଂସଦ କର୍ମକର୍ତ୍ତା ବରଦା ପ୍ରସନ୍ନ ରାଉତ, ସଞ୍ଜୟ ପରିଡା, ନାରାୟଣ ବାରିକ ଓ ସଞ୍ଜୀବ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

**REQUIRED**
Sales Officer for Marketing 'ALFA' make Diesel Engine, Pumpsets, Generators, Submersible Pumps in Western and South Odisha for Bhubaneswar Office.
**WEST COAST DIESELS LLP**
**odisha@wcdllp.com**
Contact: 9438164468, 9337003316

**REQUIRED**
Airport Ground Staff.(10th to Graduate) Airticketing, Airhostess, I.T.I, Diploma, X.man Guard Supervisor, Loader Driver. Salary **27500** to **95700.** Sent your resume
akashaviationacademy11@gmail.com
9811057388 / 9811135247

**WANTED**
One HR and Five Salesman. Experienced person will be preferred. Must be with two wheeler. Come with biodata to
**HINDUSTAN JEWELLERS, BHUBANESWAR**
Good Salary.

**Stipend Agent In LIC**
- Rs.5000/- Stipend Per Month + High Commission.
- Bike/Car Adv, Home loan, Own Office Mediclaim, Gratuity, Club Membership & many more.

Age-18-35 yrs, Qual. : 10th & Above
7064693160
-: TO JOIN CONTACT :-
(For Bhubaneswar & Near Areas)

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**LEXUS PAINTS UTKAL**
Requires Account Officer for their Bhubaneswar unit Male graduates may send their resume to.-
rafiqul.hoda@lexuspaints.com

Urgent Requirements for Salon Staff and Spa Female Therapist.
**Contact Number:**
9937287222
9178278761

Job opening for Medical Officer, ICU Sister, OT Sister, Pharmacist, Receptionist, Accounts Manager, Marketing Executives, Anesthesist.
Apply within Ten Days:
**Sara Gastro and Laparoscopic Hospital**
Ph. No.: 9090961601, 9090961602
Address: Plot No- 3564, Near Garage Chhak, BBSR, 751002

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

ପ୍ରକୃତ ବୟସଠାରୁ ଯଥେଷ୍ଟ କମ୍ ଜଣାପଡୁଥିବା ପରିବାରବିହୀନ ବିପତ୍ନିକ, ସୁସ୍ଥ ଅବସରପ୍ରାପ୍ତ ୬୧ ବର୍ଷୀୟ ଖଣ୍ଡାୟତ ଜାତିର ଅଫିସରଙ୍କ ପାଇଁ ସମ୍ବେଦନଶୀଳା ସହୃଦୟା ନିରାଶ୍ରୟା ବୟସ୍କା ମହିଳା ଆବଶ୍ୟକ।
**ଯୋଗାଯୋଗ**
7978449443 ଓ 9777605918

**OFFICIALLY JOB**
**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**ସରସ୍ୱତୀ ଶିଶୁମନ୍ଦିର**
ଗୁରୁଜୀ ଗୁରୁମା ଆବଶ୍ୟକ।
ସେବକ ସେବିକା
9937574132

**NIJUKTI SUCHANALAYA**
Qualification: 10th, +2, +3, ITI
- Delivery Boy
- Havels - Bhusan - Private Bank and finance sector.
- Security Guard
- Home Skipping

Age limit: 18 to 45 years.
**Salary: 8000 to 25000**
Ph. No. 7749823581, 7749823616

**Kerala Panchakarma Vaidyasala**
**Bhubaneswar requires**
- Panchakarma Therapist - 10 nos. (M/F) 8th Pass and above (Freshers can apply)
- Beautician - 5 Nos. (F)
- Ayurvedic Doctors - 2 Nos.

Experience candidates can Contact: Mob- **9937057118, 6370823466, 0674-2590053**

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ଖାଦ୍ୟ ସୁରକ୍ଷା ଯୋଜନାରେ ମହିଳାଙ୍କୁ ଚାଉଳ ନ ଦେବା ଘଟଣା

# ୬ ନୁହେଁ, ୧୨.୯୫ କୁଇଣ୍ଟାଲ ହଡ଼ପ

**ଜଗତ୍‌ସିଂହପୁର ଅଫିସ,୧୭।୯**

- ୩ ବର୍ଷ ହେବ ଅନ୍ତ୍ୟୋଦୟ ଯୋଜନାରେ ଉଠିଛି ଚାଉଳ
- ସନ୍ତୁଷ୍ଟ କରିବାକୁ ଦିଆଗଲା ଏକକାଳୀନ ୬.୧୪ କୁଇଣ୍ଟାଲ

ଏରସମା ବ୍ଲକ ଢିଙ୍କିଆର ପ୍ରମୋଦ ସ୍ୱାଇଁଙ୍କ ସ୍ତ୍ରୀ ମମତା ସ୍ୱାଇଁଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବାର ୭ମାସ ପରେ ଅର୍ଥାତ୍ ୨୦୧୬ ଜୁଲାଇ ୧୫ ପରଠାରୁ ଆଉ ଚାଉଳ ମିଳୁ ନ ଥିଲା। ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯାଇଥିବା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ମମତାଙ୍କୁ ଗତ ୧୨ ତାରିଖରେ ଏକକାଳୀନ ୬.୧୪ କୁଇଣ୍ଟାଲ ଚାଉଳ ଦିଆଯାଇଥିଲା। ଏଥିରେ ରାଶନ କାର୍ଡ ଅନୁଯାୟୀ, ମମତାଙ୍କ ପରିବାରର ୩ ସଦସ୍ୟଙ୍କ ପାଇଁ ମାସିକ ୧୫ କି.ଗ୍ରା. ହିସାବରେ ୩୭ ମାସର ୫.୫୫ କୁଇଣ୍ଟାଲ, ସେପ୍ଟେମ୍ବର ଓ ଅକ୍ଟୋବର ମାସର ଅନ୍ତ୍ୟୋଦୟ ଚାଉଳ ୩୫ କି.ଗ୍ରା. ହିସାବରେ ୭୦ କି.ଗ୍ରା ଏବଂ ଫନୀ ସମୟରେ ୧ ମାସର ୧୫ କି.ଗ୍ରା ଅଧିକ ଚାଉଳ ଥିଲା। ଏଥିସହ ୩୦ ଲିଟର କିରୋସିନ ମଧ ଦିଆଯାଇଥିଲା। ଅବଶିଷ୍ଟ ୪୦ ଲିଟର କିରୋସିନ ଅକ୍ଟୋବର ମାସରେ ଦିଆଯିବ ବୋଲି ସମ୍ପୃକ୍ତ ଡିଲର କହିଥିଲେ। ତେବେ ଏହି ଦୁର୍ନୀତି ଏତିକିରେ ସୀମିତ ନାହିଁ। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଏହା ପଛରେ ବଡ଼ ଧରଣର ହେରଫେର ହୋଇଥିବା ଜଣାପଡିଛି। ମମତାଙ୍କୁ ଏହି ଚାଉଳ ଓ କିରୋସିନ ସରକାରୀ ଭାବେ ଦିଆଯାଇ ନ ଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ସମ୍ପୃକ୍ତ ଡିଲର ତାଙ୍କୁ କୌଣସି ପ୍ରକାରେ ସନ୍ତୁଷ୍ଟ କରିବା ପାଇଁ ଏହି ଚାଉଳ ଓ କିରୋସିନ ଦେଇଥିବା କୁହାଯାଉଛି। କାରଣ ସରକାରୀ ଭାବେ ହିତାଧିକାରୀ ଗୋଟିଏ ମାସର ଚାଉଳ କିମ୍ବା କିରୋସିନ ନ ନେଲେ ପର ମାସରେ ତାଙ୍କୁ ତାହା ଦେବାର ବ୍ୟବସ୍ଥା ନାହିଁ। ତେଣୁ ୩ ବର୍ଷରୁ ଅଧିକ ସମୟର ଚାଉଳ, କିରୋସିନ ମମତାଙ୍କୁ ସରକାରୀ ଭାବରେ ଦେବା ସମ୍ଭବ ନୁହେଁ। ତେବେ ସମ୍ପୃକ୍ତ ଡିଲର ଏତେ ପରିମାଣର ଚାଉଳ, କିରୋସିନ କେଉଁଠୁ ଆଣି ମମତାଙ୍କୁ ଦେଲେ ତାହା ଆଲୋଚ୍ୟର ବିଷୟ ହୋଇଛି। ଅନ୍ୟପକ୍ଷରେ ମମତାଙ୍କୁ ଯେବେଠାରୁ ଚାଉଳ, କିରୋସିନ ଦିଆଯାଇ ନ ଥିଲା, ସେବେଠାରୁ ତାଙ୍କ ନାମ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇଛି। ଏକଥା ତାଙ୍କୁ ଅବଗତ କରା ନ ଯାଇ ମାସିକ ୩୫ କି.ଗ୍ରା. ହିସାବରେ ୧୨.୯୫ କୁଇଣ୍ଟାଲ ଚାଉଳ ହଡ଼ପ କରାଯାଇଛି। କଥା ପ୍ରଘଟ ହେବା ଭୟରେ ଡିଲର ହଡ଼ପ କରିଥିବା ୧୨.୯୫ କୁଇଣ୍ଟାଲ ଚାଉଳ ମଧ୍ୟରୁ ତାଙ୍କୁ ମାତ୍ର ୬.୧୪ କୁଇଣ୍ଟାଲ ଦେଇ ଭଣ୍ଡାଇଦେବାକୁ ଚେଷ୍ଟା କରିଛନ୍ତି। ଯେହେତୁ ମମତା ଗରିବ ଓ ଶିକ୍ଷାରେ କମ, ତେଣୁ ତାଙ୍କୁ ବକେୟା ଚାଉଳ ଓ କିରୋସିନ ସହ ଅନ୍ତ୍ୟୋଦୟ ଯୋଜନାରେ ୨ମାସର ଆଗୁଆ ଚାଉଳ ଦିଆଯିବାରୁ ସେ ସନ୍ତୁଷ୍ଟ ହୋଇଯାଇଥିଲେ। ବାସ୍ତବରେ କିନ୍ତୁ ତାଙ୍କ ନାଁରେ ୩୭ ମାସ ହେବ ଅନ୍ତ୍ୟୋଦୟ ଯୋଜନାରେ ଚାଉଳ ଉଠୁଛି ବୋଲି ସେ ଜାଣି ନ ଥିଲେ। ଭାତହାଣ୍ଡିରୁ ଗୋଟିଏ ଭାତ ବାଛିଲା ପରି କେବଳ ମମତା ନୁହନ୍ତି, ଜିଲାରେ ଏହିଭଳି ଅନେକଙ୍କ କ୍ଷେତ୍ରରେ ଘଟିଛି।

ସୂଚନାଯୋଗ୍ୟ, ମମତା ଢିଙ୍କିଆର ଡିଲର ଶରତ ଚନ୍ଦ୍ର ସ୍ୱାଇଁଙ୍କ ପଏଣ୍ଟରୁ ୨୦୧୬ ଜୁଲାଇ ୧୫ ପର୍ଯ୍ୟନ୍ତ ଚାଉଳ ନେଇଥିଲେ। ପରେ ତାଙ୍କ ନାମ କଟିଯାଇଥିବା ଦର୍ଶାଇ ଡିଲର ଚାଉଳ ଦେଇ ନ ଥିଲେ। ଏ ସମ୍ପର୍କରେ ପଚାରିବାରୁ ସମ୍ପୃକ୍ତ ଡିଲର ତାଙ୍କୁ ଦୁର୍ବ୍ୟବହାର କରିଥିଲେ ବୋଲି ସେ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହ ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁ ଓ ଧରିତ୍ରୀର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କିତ ଖବର ପ୍ରକାଶ ପାଇଲା ପରେ ତଦନ୍ତ ଆରମ୍ଭ ହୋଇଥିଲା। ବିଡିଓଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଆକାଉଣ୍ଟସ୍ ଅଧିକାରୀ ତଦନ୍ତ କରି ମମତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ କରାଯାଇଥିବା ସ୍ପଷ୍ଟ ରିପୋର୍ଟ ଦାଖଲ କରିଥିଲେ। ଏଥିସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। ପରେ ବିଡିଓ କୈଳାସ ଚନ୍ଦ୍ର ବେହେରା କହିଥିଲେ ଯେ, ତ୍ରୁଟି ସଂଶୋଧନ କରାଯାଇଛି, ମମତାଙ୍କୁ ଏକକାଳୀନ ଚାଉଳ ଦିଆଯିବ। ପରେ ମମତାଙ୍କୁ ୬.୧୪ କୁଇଣ୍ଟାଲ ଚାଉଳ ଦିଆଯାଇଥିଲା। କିନ୍ତୁ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଯଶୋବନ୍ତ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଯେବେଠାରୁ ମମତାଙ୍କ ନାମ ଖାଦ୍ୟ ସୁରକ୍ଷା ଯୋଜନାରୁ କଟିଲା, ସେବେଠାରୁ ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇଛି। ସେହି ଅନୁଯାୟୀ, ସେ ୧୨.୯୫ କୁଇଣ୍ଟାଲ ଚାଉଳ ପାଇବା କଥା। ଏବେ ଏହାର ତଦନ୍ତ ଚାଲିଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଯୋଗାଣ ଅଧିକାରୀ ସହକାରୀ ଯୋଗାଣ ଅଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ କେତେଜଣ ସାମାଜିକ କର୍ମୀ କହିଛନ୍ତି ଯେ, ୩ ବର୍ଷ କାଳ ଜଣେ ଗରିବ ହିତାଧିକାରୀଙ୍କୁ ଯେଭଳି ଉଦ୍ଦେଶ୍ୟମୂଳକ ଭାବେ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ କରାଗଲା ତାହା ସାଂଘାତିକ ଘଟଣା। ପୁଣି ଅନ୍ତ୍ୟୋଦୟ ଯୋଜନାରେ ଚାଉଳ ହଡ଼ପ କରାଯିବା ଆହୁରି ବଡ଼ଧରଣର ଦୁର୍ନୀତି। ତେଣୁ ସେମାନେ ନ୍ୟାୟାଳୟର ଆଶ୍ରୟ ନେବେ।

## ସଂକ୍ଷେପରେ

### ଜମିଜମା ବିବାଦରୁ ଆକ୍ରମଣ ଅଭିଯୋଗ

**ନାଉଗାଁ,୧୭।୯(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ଶାଲିଜଙ୍ଗା ଗ୍ରାମ ଆଦିବାସୀ ସାହିର ବାବୁଲା ସିଂ ନିଜ ଜମିରେ ବାଡ଼ ଘେରାଉ ଥିବାବେଳେ ତାଙ୍କୁ ସେହିପଡ଼ାର ରାମ ଚନ୍ଦ୍ର ସିଂ, ନାଲା ସିଂ, ରମେଶ ସିଂ, ନିଲୁ ସିଂ ପ୍ରମୁଖ ବିରୋଧ କରିବା ସହ ଆକ୍ରମଣ କରିଥିବା ସୋମବାର ନାଉଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବାବୁଲା ୨୦୧୭ ଜାନୁୟାରୀ ୪ରେ ଶାଲିଜଙ୍ଗା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମୁଦୁଲି, ମୀନକେତନ ମୁଦୁଲି, ସନ୍ତୋଷ ମହାପାତ୍ର ଓ ଉମେଶ ମହାପାତ୍ରଙ୍କଠାରୁ ୧୮ ଡେସିମିଲ ଜମି କିଣିଥିଲେ। ଉକ୍ତ ଜମି ଦଖଲ ପାଇଁ ଉପଜିଲାପାଳଙ୍କ ନିକଟରେ ୨ ମାର୍ଚ୍ଚ ୨୦୧୮ରେ ଆବେଦନ କରିଥିଲେ। ତତ୍କାଳୀନ ଉପଜିଲାପାଳଙ୍କ ଚିଠି ନଂ. ୧୯୪୬ ତା-୧୯ ମାର୍ଚ୍ଚ ୨୦୧୮ରେ ଉକ୍ତ ଜମି ନାଉଗାଁ ତହସିଲ ପକ୍ଷରୁ ଡିମାର୍କେଶନ କରାଯାଇଥିଲା। ଏହା ଚାଷଜମି ହୋଇଥିବାରୁ ୨୦୧୮-୧୯ ଆର୍ଥିକ ବର୍ଷରେ ଏହାକୁ ଘରବାରିରେ ପରିଣତ କରାଯାଇଥିଲା। ସୋମବାର ସେ ଉକ୍ତ ଜମିରେ ବାଡ଼ ଘେରାଉଥିବା ବେଳେ ଅଭିଯୁକ୍ତ ବ୍ୟକ୍ତିମାନେ ଆସି ବିରୋଧ କରିବା ସହ ତାଙ୍କୁ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ ନାଲା ସିଂ ମଧ ପାଲଟା ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ବାବୁଲା ସରକାରୀ କଙ୍କ୍ରିଟ ରାସ୍ତା ଖୋଳି ବାଡ଼ ବନ୍ଦ କରୁଥିଲେ। ସେମାନେ ବିରୋଧ କରିବାରୁ ବାବୁଲା ଖଣ୍ଡା ଧରି ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ବାବୁଲା ଚଞ୍ଚକତା କରି ସରକାରୀ ଜାଗାକୁ ୨ ନଭେମ୍ବର ୨୦୧୦ରେ ନିଜ ନାମରେ କରାଇ ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର କହିଛନ୍ତି ଯେ, ମଙ୍ଗଳବାର ୨ ପକ୍ଷ ବସି ଏହାର ସମାଧାନ କରିଛନ୍ତି। ଜମିବାଡ଼ି ଯେହେତୁ ସିଭିଲ ମ୍ୟାଟର, ତେଣୁ କୋର୍ଟରେ ଫାଇନାଲ କରାଯିବ। ରାସ୍ତା ଅବରୋଧ ହୋଇ ନ ଥିବା ସେ କହିଛନ୍ତି।

### ପୋଖରୀରେ ବୁଡ଼ି ଯୁବତୀ ମୃତ

**ବାଲିକୁଦା,୧୭।୯(ସ୍ୱ.ପ୍ର.)**

ବାଲିକୁଦା ଥାନା ଅରିଲୋ ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର କୈଳାସ ସେଠୀଙ୍କ ଝିଅ ସ୍ୱର୍ଣ୍ଣପ୍ରଭା ଓରଫ୍ ସୋନି(୨୦)। ଭୁଷଙ୍ଗ ପତ୍ର ଆଣିବାକୁ ସେ ଘର ପଛ ପୋଖରୀ ହୁଡ଼ାକୁ ଯାଇଥିଲେ। ପତ୍ର ତୋଳୁଥିବାବେଳେ ଗଛ ଡାଳ ଭାଙ୍ଗିଯିବାରୁ ସେ ପୋଖରୀ ଭିତରକୁ ଖସିପଡିଥିଲେ। ଅନେକ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ତାଙ୍କ ମା' ପୋଖରୀ ନିକଟକୁ ଯାଇ ଖୋଜିଥିଲେ। ସେଠାରେ ନ ପାଇ ଅନ୍ୟ ଆଡେ ମଧ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ପୋଖରୀରେ ସୋନିଙ୍କ ଚପଲ ଭାସୁଥିବା ଦେଖିବାକୁ ମିଳିଥିଲା। ତେଣୁ ସେ ବୁଡ଼ି ଯାଇଥିବା ଭାବି ଗ୍ରାମବାସୀ ଜାଲ ପକାଇ ଖୋଜାଖୋଜି କରିଥିଲେ। କିନ୍ତୁ ନ ପାଇବାରୁ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ଗ୍ରାମର କେତେଜଣ ଯୁବକ ପାଣିରେ ବୁଡି ସୋନିଙ୍କୁ ଉଦ୍ଧାର କରି ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋନି ନିକଟସ୍ଥ ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟର +୩ ବିଜ୍ଞାନ ବିଭାଗ ଛାତ୍ରୀ ଥିଲେ।

# ସୌଭାଗ୍ୟ ଯୋଜନା ଦିଗହରା: ବୋର୍ଡ ଲାଗିଛି, ବିଦ୍ୟୁତ୍ ନାହିଁ

**ବାଲିଆ,୧୭।୯**

କେନ୍ଦ୍ର ସରକାରଙ୍କ ଦ୍ୱାରା ଗରିବ ପରିବାରକୁ ମାଗଣାରେ ବିଦ୍ୟୁତ୍ ସଂଯୋଗ ପ୍ରଦାନ ପାଇଁ ସୌଭାଗ୍ୟ ଯୋଜନା କରାଯାଇଛି। ତେବେ ଏହି ଯୋଜନା କାର୍ଯ୍ୟକାରୀ କରିବାରେ ସେସୁ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବିରିଡ଼ି ବ୍ଲକରେ ବିଭାଗ ପକ୍ଷରୁ ହିତାଧିକାରୀଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ ପାଇଁ ଠିକାଦାର ନିଯୁକ୍ତ କରାଯାଇଛି। ମାତ୍ର ଠିକାଦାର ହିତାଧିକାରୀଙ୍କ ଘରେ ବିଦ୍ୟୁତ୍ ବୋର୍ଡ, ସୁଇଚ୍ ଆଦି ଲଗାଇଥିଲେ ମଧ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ଏହି ବ୍ଲକର ବଡୀମିରା ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ପଞ୍ଚାୟତର ୫ନଂ.ୱାର୍ଡ ବାସିନ୍ଦା ଅରୁଣ କୁମାର ନାଥ, ଲକ୍ଷ୍ମୀଧର ନାଥ, ଅକ୍ଷୟ ନାଥ, ଅକ୍ଷୟ ମଲ୍ଲ, ଅଜୟ ମଲ୍ଲ ପ୍ରମୁଖ ଏହି ଯୋଜନାରେ ସାମିଲ ହୋଇଥିଲେ ମଧ ଅଦ୍ୟାବଧି ସେମାନଙ୍କୁ ବିଦ୍ୟୁତ୍ ସେବା ମିଳିନାହିଁ। ସେମାନଙ୍କ ଘରେ କେବଳ ବିଦ୍ୟୁତ୍ ବୋର୍ଡ ଓ ସୁଇଚ୍ ଲାଗିଛି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱରଞ୍ଜନ ଦେହୁରିଙ୍କୁ ପଚାରିବାରେ ଏହା ତାଙ୍କୁ ପୂର୍ବରୁ କେହି ଜଣାଇ ନ ଥିଲେ, ଏବେ ଜାଣିବା ପରେ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।


ଜଣେ ଉପଭୋକ୍ତାଙ୍କ ଘରେ ଲାଗିଥିବା ବିଦ୍ୟୁତ୍ ବୋର୍ଡ ଓ ସୁଇଚ୍ ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ରାସ୍ତା ମରାମତି କଲେ ସୁକିନ୍ଦା ଭୀମଆର୍ମି କର୍ମକର୍ତ୍ତା

ସୁକିନ୍ଦା,୧୭ା୯(ଡି.ଏନ୍.ଏ.)- ଖଣିଖାଦାନ ସହ ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ୫୩ ନମ୍ବର ଯାତାୟ ରାଜପଥ ଶୋଚନୀୟ ହୋଇପଡିଛି। ସୁକିନ୍ଦାଠାରୁ ଡୁବୁରୀ ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ଭରି ରହିଥିବାରୁ ଯାତାୟାତରେ ବହୁ ସମସ୍ୟା ଦେଖାଦେଉଛି। ଏ ନେଇ ବହୁବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ଭୀମଆର୍ମିର କର୍ମୀମାନେ ଏକତ୍ରିତ ହୋଇ ରାସ୍ତା ମରାମତି କାମ ଆରମ୍ଭ କରିଛନ୍ତି। ରାଜେଶ ମଲ୍ଲିକଙ୍କ ନେତୃତ୍ୱରେ ସୋମବାରଠାରୁ ସମସ୍ତ କର୍ମୀମାନେ ସଂସାଇଲେ। ଛକଠାରୁ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାରେ ମାଟି ମରମ ଢାଳି ମରାମତି କରିଛନ୍ତି। ଅରବେନ୍ଦୁ ଦାସ, ପପୁ ମଲ୍ଲିକ, ବୁଲୁ ମଲ୍ଲିକ, ଶେଖର ମଲ୍ଲିକ, ସୁରଜ ମଲ୍ଲିକ, ସୁଶାନ୍ତ କୁମାର ମଲ୍ଲିକ ପ୍ରମୁଖ ରାସ୍ତା ମରାମତିରେ ସହଯୋଗ କରିଥିଲେ।

## ୧୫ ବିସ୍ଥାପିତ ପରିବାରଙ୍କୁ ଚେକ୍ ପ୍ରଦାନ

କାଳିଆପାଣି,୧୭ା୯(ଡି.ଏନ୍.ଏ.)- ଓଡ଼ିଶା ଖଣି ନିଗମ ଦକ୍ଷିଣ କାଳିଆପାଣି ଲିଜ ଅଞ୍ଚଳର ୧୫ ବିସ୍ଥାପିତ ପରିବାରକୁ ଥଇଥାନ ପାଇଁ ମଙ୍ଗଳବାର ଚେକ୍ ପ୍ରଦାନ କରାଯାଇଛି। ଏ ନେଇ ଦକ୍ଷିଣ କାଳିଆପାଣି କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁକିନ୍ଦା ରିଜିୟନ କ୍ରୋମାଇଟ୍ ଖାଦାନ ମଜଦୁର ସଂଘ (ଏସ୍ଆରସିକେଏମ୍ଏସ୍) ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଯୋଗଦେଇ ପ୍ରତି ପରିବାରକୁ ୪ ଲକ୍ଷ ୬୦ ହଜାର ଅର୍ଥରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଦକ୍ଷିଣ କାଳିଆପାଣି ପରିଚାଳକ କାଠି ପ୍ରଧାନ, ପ୍ରଶାସନିକ ଅଧିକାରୀ ଲକ୍ଷ୍ମଣ ହାଂସଦା, କର୍ମଚାରୀ ଅମୀୟ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରକାଶ ଯେ, ସିଓବିପି (କ୍ରୋମ୍ ଓର୍ ବ୍ଲିଚିଙ୍ଗ ପ୍ଲାଣ୍ଟ) ନିକଟ ହୁଡ଼ିସାହୀ ବାସୀନ୍ଦାଙ୍କୁ ଖଣି ନିଗମ ପକ୍ଷରୁ ବିସ୍ଥାପିତ କରାଯାଇ ପ୍ରଥମ ପର୍ଯ୍ୟାୟରେ ୨୬ ହଜାର ଟଙ୍କା ଘରଭଙ୍ଗା ପାଇଁ ଦିଆଯାଇଥିଲା।

## ମଦ ଜବତ, ୩ କୋର୍ଟ ଚାଲାଣ

ଧର୍ମଶାଳା/ଜେନାପୁର,୧୭ା୯(ଡି.ଏନ୍.ଏ.)- ଜେନାପୁର ଥାନା ପୋଲିସ ମଙ୍ଗଳବାର ସକାଳେ ମର୍ଜିତାପୁର ଗ୍ରାମରେ ବେଆଇନ ମଦ କାରବାରକୁ ନେଇ ଚଢ଼ାଉ କରିଥିଲା। ଏହି ସମୟରେ ବେଆଇନ କାରବାରରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରିବା ସହ ୩୦ ଲିଟର ଦେଶୀ ମଦ, ବାଇକ ଓ ୩ ହଜାର ଟଙ୍କା ଜବତ କରିଛି। ଏ ନେଇ ଏକ ମାମଲା (ନଂ.୨୦୫/୧୯) ରୁଜୁକରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍ଆଇ ସଂଯୁକ୍ତା ବେହେରା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ମହୁଲପାଳ ଗ୍ରାମର କୃଷ୍ଣ ଚନ୍ଦ୍ର ଜେନା (୪୮), ଉଲ୍ଲାସ ମଲିକ(୪୫) ଏବଂ ଜେନାପୁରଥାନା ଅନ୍ତର୍ଗତ ମର୍ଜିତାପୁର ଗ୍ରାମର ଜଳଧର ଜେନା (୫୨)। ପ୍ରକାଶ ଯେ, କୃଷ୍ଣ ଚନ୍ଦ୍ର ଏବଂ ଉଲ୍ଲାସ ଏକ ପଲସର ବାଇକ୍‌ରେ ଦେଶୀ ମଦ ଆଣି ମର୍ଜିତା ପୁର ଗ୍ରାମର ଜଳଧରଙ୍କୁ ବିକ୍ରି କରୁଥିଲେ। କୌଣସି ସୂତ୍ରରୁ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଖବର ପାଇ ଏଏସ୍ଆଇ ବିକ୍ରମ କେର୍କେଟାଙ୍କୁ ଚଢାଉ କରିବାକୁ କହିଥିଲେ।

## ବ୍ରାହ୍ମଣୀ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ରତ୍ନଗିରି,୧୭ା୯(ଡି.ଏନ୍.ଏ.)- ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅନ୍ୟାସିପୁର ଖରଦାସାହି ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ମଙ୍ଗଳବାର ଏକ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ଯୁବକ ଜଣଙ୍କ ବାଲିବିଲି ପଞ୍ଚାୟତ ଅଧୀନ କୋରଡାପିପଲ ଗ୍ରାମର ବିଦ୍ୟାଧର ପାତ୍ର(୩୫)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୦୧୯) ରୁଜୁକରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପ୍ରକାଶ ଯେ, ସକାଳେ ମୃତଦେହ ନଦୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ବରୀ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ବରୀ ଥାନା ଅଧିକାରୀ ମାର୍କଣ୍ଡ ଚନ୍ଦ୍ର ମିଶ୍ର ଓ ସବ୍ ଇନ୍‌ସ୍ପେକ୍ଟର ନାରାୟଣ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଚୈତନ୍ୟ ମଲ୍ଲିକ, ହେମନ୍ତ ମଲ୍ଲିକ, ସାମାଜିକ କର୍ମୀ ପ୍ରଦୀପ ଜେନା ଓ ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ନଦୀରୁ ମୃତଦେହ ଉଦ୍ଧାର କରାଯାଇଥିଲା। ପରେ ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ।

### ରାଶନ କାର୍ଡ ସହ ଆଧାର ସଂଯୋଗ

# ୧୦ ହଜାର ହିତାଧିକାରୀ ସାମଗ୍ରୀରୁ ବଞ୍ଚିତ ହେବା ସମ୍ଭାବନା

ରସୁଲପୁର,୧୭ା୯(ଡି.ଏନ୍.ଏ.)

ରାଶନ କାର୍ଡ ସହ ଆଧାର ସଂଯୋଗ କରିବାକୁ କେନ୍ଦ୍ର ସରକାରଙ୍କ କଡା ନିର୍ଦ୍ଦେଶ ଖାଉଟିଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ରାଶନକାର୍ଡକୁ ନେଇ ସରକାରଙ୍କ ଆଭିମୁଖ୍ୟରେ ଘନଘନ ପରିବର୍ତ୍ତନ ଯୋଗୁ କେତେକ ଯୋଗ୍ୟ ବ୍ୟକ୍ତି କଣ୍ଟ୍ରୋଲ ସାମଗ୍ରୀରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଆଧାର ସଂଯୋଗ କରି ନ ପାରି ଯାଜପୁର ଜିଲା ରସୁଲପୁର ବ୍ଲକର ୧୦ହଜାର ଉପଭୋକ୍ତାଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫ୍ଏସ୍ଏ) ଜରିଆରେ ମିଳୁଥିବା ଚାଉଳ ଓ କିରୋସିନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ମିଳୁଥିବା ଚାଉଳରୁ ବଞ୍ଚିତ ହେବାର ସମ୍ଭାବନା ଦେଖାଯାଇଛି। ଚଳିତ ମାସରେ ଡିଲର ପଏଣ୍ଟରୁ ଚାଉଳ ନ ମିଳିବାରୁ ହିତାଧିକାରୀମାନେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଭିଡ଼ ଜମାଉଛନ୍ତି। ଏ ଦିଗରେ କାହାରିଠାରୁ ସନ୍ତୋଷଜନକ ଉତ୍ତର ମିଳୁ ନ ଥିବାବେଳେ ଖାଉଟିମାନଙ୍କୁ କେବଳ ଅପେକ୍ଷା କରିବାକୁ କୁହାଯାଉଛି। ଯେଉଁମାନଙ୍କ ଆଧାର ଥିବ ସେମାନଙ୍କୁ ନିଶ୍ଚିତ ଚାଉଳ ମିଳିବ। ଯେଉଁମାନଙ୍କ ଆଧାର ନାହିଁ ସେମାନଙ୍କ ପାଇଁ ବିଭାଗ କିଛି କରିପାରିବ ନାହିଁ। ଏଦିଗରେ ବ୍ୟସ୍ତ ନ ହୋଇ ସରକାରଙ୍କ ପରବର୍ତ୍ତି ନିର୍ଦ୍ଦେଶ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବ୍ଲକ ଯୋଗାଣ ଅଧିକାରୀ ଅନୁଜ କୁମାର ସାହୁ ଅନୁରୋଧ କରିଛନ୍ତି।

ରସୁଲପୁର ବ୍ଲକରେ ଏବେ ସୁଦ୍ଧା ୯୩ ଶତକଡ଼ା ପରିବାର ଆଧାର ସଂଯୋଗ କରିବାକୁ ସକ୍ଷମ ହୋଇଥିବାବେଳେ ବାକି ୭ଶତକଡ଼ା ପରିବାର ଆଧାର ସଂଯୋଗ କରିବାକୁ ବିଫଳ ହୋଇଛନ୍ତି। ସେହି ହିସାବରେ ବ୍ଲକର ୨୮ଗୋଟି ପଞ୍ଚାୟତରେ ୨୦୧୧ ଜନଗଣନା ଆଧାରରେ ୩୬,୮୯୩ପରିବାର ରହିଛି। ସେଥିମଧ୍ୟରୁ ୨୦୧୬ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଜରିଆରେ ୩୩,୫୯୨ ପରିବାରର ୧,୩୩,୪୮୯ଜଣ ବ୍ଯକ୍ତି କଣ୍ଟ୍ରୋଲ ସାମଗ୍ରୀ ପାଇ ଆସୁଛନ୍ତି। ପରେ ୨୦୧୯ରେ ରାଜ୍ୟସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ପ୍ରଣୟନ କରି ଏନ୍ଏଫ୍ଏସ୍ଏରୁ ବାଦ୍ ପଡିଥିବା ଅଯୋଗ୍ୟଙ୍କୁ ଯୋଗ୍ୟ କରିଦେଲେ। ଭୋଟ ହାତେଇବା ପାଇଁ ଚାଉଳ କାର୍ଡ ଖେଳିଲେ। ଏହି କ୍ରମରେ ବ୍ଲକରୁ ୩୦୫୪ ପରିବାରର ୧୦,୦୦୧ଲୋକଙ୍କୁ ଟଙ୍କିକିଆ ଚାଉଳ ଯୋଗାଇ ଦେଲେ। ଏହି ଭଳି ଭାବରେ ସମଗ୍ର ବ୍ଲକ ଅଞ୍ଚଳର ଲକ୍ଷାଧିକ ଲୋକଙ୍କୁ ୭୩ଟି ଡିଲର ପଏଣ୍ଟରେ ଚାଉଳ ପ୍ରଦାନ କରାଯାଉଛି । ଆଧାର ସଂଯୋଗ ହେବା ପରେ ଖାଉଟିଙ୍କ ମଧ୍ୟରେ ଧାଁ ଧପଡ ଚାଲିଛି। କେତେକ ଯୋଗ୍ୟ ବ୍ୟକ୍ତି ବି ଏହି ପ୍ରକ୍ରିୟାରେ ବାଦ୍ ପଡ଼ିଛନ୍ତି ବୋଲି ଅଭିଯୋଗ ହେଉଛି। ଏହାଛଡ଼ା ରାଜ୍ୟ ସରକାରଙ୍କ ଯୋଜନାରେ ଶତପ୍ରତିଶତ ଆଧାର ସଂଯୋଗ ହୋଇଛି ବୋଲି ଯୋଗାଣ ବିଭାଗ କହୁଛି। ହେଲେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଆଧାର ସଂଯୋଗ କେବଳ ୯୩ଶତକଡା ହୋଇଛି। ବାକି ୭ଶତକଡ଼ା ଏବେ ବି ବାକି ରହିଛି। ଯାହାର ହିସାବ ଆନୁମାନିକ ସଂଖ୍ୟା ୧୦ହଜାର ଛୁଇଁବ ବୋଲି ଆକଳନ କରାଯାଉଛି । ବିଶେଷକରି ୩ଟି କାରଣରୁ ଆଧାର ସଂଯୋଗ ପରେ ଖାଉଟିମାନେ ଚାଉଳ ପାଇବାକୁ ଅଯୋଗ୍ୟ ହୋଇଛନ୍ତି ବୋଲି ଜଣାପଡିଛି। ପ୍ରଥମତଃ ଆଧାର ନ ଥିବା ଲୋକଙ୍କ ଚାଉଳ ବନ୍ଦ ହେବ। ଯେଉଁ ଲୋକଙ୍କ ନାମରେ ଏକାଧିକ କାର୍ଡ ରହିଛି ସେମାନଙ୍କ ଚାଉଳ ବନ୍ଦ କରାଯାଇଛି। ତୃତୀୟରେ ଏକାଧିକ ଲୋକଙ୍କ ନାଁ ଭିନ୍ନ ଭିନ୍ନ ସ୍ଥାନରେ ରାଶନ କାର୍ଡରେ ଆଧାର ସଂଯୋଗ ହୋଇଛି ବୋଲି ଦର୍ଶାଉଛି। ଏଭଳି କ୍ଷେତ୍ରରେ ନକଲି ଆଧାର ଦର୍ଶାଇବା ସହ ଚାଉଳ ବନ୍ଦ ହୋଇଯାଇଛି । ଏ ଦିଗରେ ଖାଉଟିମାନେ ସେମାନଙ୍କର ଦ୍ୱନ୍ଦ୍ୱକୁ ନିଜେ ନିଜେ ଦୂର କରିବା ପରେ ଚାଉଳ ପାଇବାକୁ ଯୋଗ୍ୟ ହେବେ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।

### ଗୋଲକୁଣ୍ଡ ନିମ୍ନ ମୌଳିକ ବିଦ୍ୟାଳୟ

# ଭୁଶୁଡିଲା ବିଦ୍ୟାଳୟ ପାଚେରି



ବିଦ୍ୟାଳୟ ପାଚେରି ଭୁଶୁଡି ପଡିଛି ।

ବରୀ,୧୭ା୯(ସ୍ୱ.ପ୍ର.)

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ଗୌଲକୁଣ୍ଡ ପଞ୍ଚାୟତର ସର୍ବପୁରାତନ ନିମ୍ନ ମୌଳିକ ବିଦ୍ୟାଳୟର ପାଚେରି ମଙ୍ଗଳବାର ଭୁଶୁଡି ପଡ଼ିଛି। ୧୦ବର୍ଷ ତଳେ ଏହି ପାଚେରି ନିର୍ମାଣ ହୋଇଥିଲା। ଗତ ବର୍ଷା ମାଡ଼ ଖାଇ ପାଚେରୀ ଦୁର୍ବଳ ହୋଇପଡ଼ିଥିବା କୁହାଯାଉଛି। ଏହି ବିଦ୍ୟାଳୟ ୧୯୪୮ରେ ସ୍ଥାପିତ ହୋଇଥିଲା। ଏଠାରେ ୧ମରୁ ୫ମ ପର୍ଯ୍ୟନ୍ତ ୪୯ ଜଣ ଛାତ୍ରୀଛାତ୍ରଙ୍କୁ ୨ଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ ପାଇଁ ନିଯୁକ୍ତି ପାଇଛନ୍ତି। ମଙ୍ଗଳବାର ୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରିବାକୁ ଆସିଥିଲା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଅନୁପସ୍ଥିତ ଥିବା ଅଭିଯୋଗ ହୋଇଛି। ଓଷା ଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଜଣଙ୍କ ବିଦ୍ୟାଳୟରେ ଉପସ୍ଥାପନ ପକାଇ ମଧ୍ୟାହ୍ନରେ ଘରକୁ ଚାଲିଯାଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ବିଦ୍ୟାଳୟର ପୁରୁଣା କୋଠରି ଭାଙ୍ଗିରୁଜି ଯାଇଛି। ଅନାବନା ବଣବୁଦାରେ ବିଦ୍ୟାଳୟ ପରିସର ଭରପୂର ରହିଛି। ବିଦ୍ୟାଳୟର ପାଚେରିକୁ ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ସରପଞ୍ଚ ଶରତ କୁମାର ଜେନା ଦାବି କରିଛନ୍ତି। ଏଥି ସହିତ ପୁରୁଣା କୋଠରି ମରାମତି କରିବା ସହିତ ବିଦ୍ୟାଳୟର ଉନ୍ନତି ପାଇଁ ସ୍ଥାନୀୟ ବିଧାୟିକାଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି।

### ବର୍ଜ୍ୟବସ୍ତୁ ପରିଚାଳନା ପରାମର୍ଶଦାତା କମିଟି ବୈଠକ

# ‘ପ୍ରତି ସାହିରେ ଅଳିଆ ସଂଗ୍ରହ ପାତ୍ର ରହିବ’




ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ।

ଯାଜପୁରଟାଉନ,୧୭ା୯(ଡି.ଏନ୍.ଏ.)

ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ବର୍ଜ୍ୟବସ୍ତୁ ପରିଚାଳନା ଏକ ସାମଗ୍ରିକ ଦାୟିତ୍ୱ ହୋଇଥିବାବେଳେ ଏଥିରେ ପ୍ରତ୍ୟେକ ବ୍ୟକ୍ତି ଉତ୍ତରଦାୟୀ ଭାବେ କାର୍ଯ୍ୟକାରୀ କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ବର୍ଜ୍ୟବସ୍ତୁର ନିୟନ୍ତ୍ରଣ ଖାଲି ସରକାର ବା ପ୍ରଶାସନ କରିପାରିବେ ନାହିଁ। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ସହଯୋଗ ଆବଶ୍ୟକ ରହିଛି। ପ୍ରଶାସନ ବ୍ୟତୀତ ସାଧାରଣ ଲୋକେ ଏନେଇ ସର୍ବତ୍ର ସଚେତନତାର ବାର୍ତ୍ତା ବାଣ୍ଟିବା ଆବଶ୍ୟକ। ପ୍ରତ୍ୟେକ ନିଜନିଜ ସ୍ତରରେ ଏହାର ନିରାକରଣ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଇତିମଧ୍ୟରେ ଯାଜପୁର ଓ ବ୍ୟାସନଗର ପୌରାଞ୍ଚଳରେ ସ୍ୱତନ୍ତ୍ର ଭାବେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବ୍ୟବସ୍ଥା କରାଯାଇଥିବାବେଳେ ବର୍ତ୍ତମାନ ତାହା ଗ୍ରାମକୁ ପ୍ରସାରିତ ହୋଇଛି। ନିୟମାନୁସାରେ ଆବର୍ଜନର ବିଭାଗିକରଣ କରାଯାଇ ତାର ଉପଯୋଗ କରାଯିବ। ତେବେ ପ୍ରତ୍ୟେକ ଗ୍ରାମର ପ୍ରତି ସାହି ଓ ଜନବସତି ଅଞ୍ଚଳରେ ଅଳିଆ ସଂଗ୍ରହ ପାତ୍ର ରଖାଯିବ। ଯାହାକୁ ଲୋକମାନେ ଉପଯୋଗ କରିବା ଉଚିତ୍ ବୋଲି ଜିଲାପାଳ କହିଛନ୍ତି। ସେହିପରି କାର୍ଯ୍ୟକ୍ରମର ମାଷ୍ଟରଟ୍ରେନର ଥିବା ବରିଷ୍ଠ ସାମ୍ବାଦିକ ଅନିରୁଦ୍ଧ ସାମନ୍ତରାୟ ବିସ୍ତୃତ ସୂଚନା ଦେଇ ଯାଜପୁର ବ୍ଲକର ମାର୍କଣ୍ଡପୁର ଓ ସୁଜନପୁର ପଞ୍ଚାୟତ ଏବଂ ଧର୍ମଶାଳା ବ୍ଲକର ସୁନ୍ଦୁରିଆ ପଞ୍ଚାୟତକୁ ପାଇଲଟ ପ୍ରୋଜେକ୍ଟ ଭାବେ ନିଆଯାଇ ଏଠାରେ ବର୍ଜ୍ୟବସ୍ତୁ ପରିଚାଳନାର କୌଶଳ ଉପଭୋଗ କରାଯିବା ସହିତ ପ୍ରତିଟି ପରିବାର, ବ୍ୟବସାୟୀ ଓ କାର୍ଯ୍ୟାଳୟ ଇତ୍ୟାଦିର ବ୍ୟକ୍ତିବିଶେଷଙ୍କୁ ବର୍ଜ୍ୟବସ୍ତୁ ପରିଚାଳନାରେ ସଚେତନ କରାଯିବ ବୋଲି ସାମନ୍ତରାୟ କହିଥିଲେ।

### ବରୀରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଦିଗହରା

# କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି କର୍ମଚାରୀ

ବରୀ,୧୭ା୯(ସ୍ୱ.ପ୍ର.)

ବରୀ ବ୍ଲକରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଦିଗହରା ପାଲଟିଛି। ଏହି କାର୍ଯ୍ୟାଳୟରେ ଅଧିକାଂଶ ସମୟରେ କର୍ମଚାରୀ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହୋଇ ଆସୁଥିବାବେଳେ ସୋମବାର ଓ ମଙ୍ଗଳବାର ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଶିଶୁ ବିକାଶ କାର୍ଯ୍ୟାଳୟ ଖୋଲା ରହିଥିଲେ ମଧ୍ୟ କୌଣସି କର୍ମଚାରୀ ଯୋଗଦେଇ ନ ଥିଲେ। ଫଳରେ ବିଭିନ୍ନ କାମରେ ଆସିଥିବା ସାଧାରଣ ଲୋକେ ନିରାଶ ହୋଇ ଫେରିଥିବା ଜଣାପଡିଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବ୍ଲକ୍ ଅଧୀନରେ ୨୫୧ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ୨୪୭ ଜଣ କର୍ମୀ ରହିଥିଲା ବେଳେ ୨୩୯ଜଣ ସହକର୍ମୀ ରହିଛନ୍ତି। ଏଠାରେ ଦୀର୍ଘ ଦିନ ଧରି ସିଡିପିଓ ପଦବୀ ଖାଲି ପଡ଼ିଥିଲା ବେଳେ ୭ଜଣ ସୁପରଭାଇଜର ରହିଥିବା ଜଣାପଡ଼ିଛି। ଅଧିକାଂଶ କେନ୍ଦ୍ରରେ ୩ ବର୍ଷରୁ ୬ବର୍ଷ ଶିଶୁଙ୍କୁ ମଧ୍ୟାହ୍ନ ଭୋଜନ ମିଳୁ ନ ଥିବା ଅଭିଯୋଗ ହେଉଛି। ସେହିପରି ଗର୍ଭବତୀ ମହିଳା ଓ ଶିଶୁଙ୍କୁ ଛତୁଆ, ହାଲୁଆ, ବାଦାମ୍ ମୁଆଁ, ନିମ୍ନମାନର ଯୋଗାଇ ଦିଆଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କୁ ପଚାରିବାରୁ ନୂତନଭାବେ କାର୍ଯ୍ୟରେ ଯୋଗଦାନ କରିଛି। ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ କ’ଣ ଅବ୍ୟବସ୍ଥା ରହିଛି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ଗାଡି ଧକ୍କାରେ ଯୁବକ ଗୁରୁତର

## ମେଡିକାଲରେ ଅବ୍ୟବସ୍ଥା ନେଇ ଉତ୍ତେଜନା

ସୁକିନ୍ଦା,୧୭ା୯(ଡି.ଏନ୍.ଏ.)

ସୁକିନ୍ଦା ଥାନା ଅନ୍ତର୍ଗତ ଦୁଧୁଯୋରି ଗ୍ରାମ ପଞ୍ଚାୟତ ମଙ୍ଗଳପୁର ପାଞ୍ଚଗୋଛିଆ ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜ ପଥରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ଦାନଗଦୀ ବ୍ଲକ ଅନ୍ତର୍ଗତ ତେଲିବାହାଳି ଗ୍ରାମର ନରେନ୍ଦ୍ର ରାଉତ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର କଟକ ସ୍ଥାନାନ୍ତର ପାଇଁ କହିଥିଲେ। ହେଲେ ମେଡିକାଲରେ ୧୦୮ ଗାଡି ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇ ପାରି ନ ଥିଲା। ଫଳରେ ନରେନ୍ଦ୍ର ୩ ଘଣ୍ଟା ଧରି ମେଡିକାଲରେ ପଡି ରହିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ସୁକିନ୍ଦା ଥାନା ଅଧିକାରୀ ବିଚିତ୍ରା ନନ୍ଦ ସେଠୀ ଏବଂ ଏସ୍ଆଇ ଅନ୍ତର୍ଯାମୀ ଶ୍ରୀଚନ୍ଦ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ୧୦୮ ଗାଡିର ବ୍ୟବସ୍ଥା କରି ନରେନ୍ଦ୍ରଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ପ୍ରକାଶ ଯେ, ସୁକିନ୍ଦା ଖଣି ଅଞ୍ଚଳରୁ କାର୍ଯ୍ୟ ସାରି ଘରକୁ ନରେନ୍ଦ୍ର ଏକ ବାଇକ୍‌ରେ ଆସୁଥିଲେ। ଭୁବନ ପଟୁ ସୁକିନ୍ଦା ଅଭିମୁଖେ ଯାଉଥିବା ଏକ କାର୍ ତାଙ୍କୁ ପଛପଟରୁ ଧକ୍କାଦେଇଥିଲା।

## ସାନ ଭାଇର ଠେଙ୍ଗା ମାଡ଼ରେ ବଡ଼ ଗୁରୁତର

କୋରେଇ,୧୭ା୯(ସ୍ୱ:ପ୍ର.)

ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଧନତ୍ରୀ ଗ୍ରାମରେ ମଙ୍ଗଳବାର ପାରିବାରିକ ଗଣ୍ଡଗୋଳ ଘଟିଛି। ଏଥିରେ ସାନଭାଇର ଠେଙ୍ଗା ମାଡ଼ରେ ବଡ଼ଭାଇ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ବଡ଼ଭାଇ ପଦ ମଲିକ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୧୭୪/୧୯) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ ବିଶ୍ୱକର୍ମା ପୂଜାକୁ କେନ୍ଦ୍ରକରି ସାନ ଭାଇ ସହଦେବ ତାର ଭାଉଜଙ୍କୁ ଗାଳିଗୁଲଜ କରିଥିଲେ। ଏହି ସମୟରେ ପଦ ପ୍ରତିବାଦ କରିବାରୁ ସହଦେବ ରାଗିଯାଇ ଜୀବନରୁ ମାରିଦେବାକୁ ଧମକ ଦେଇ ଏକ ଠେଙ୍ଗାରେ ପଦଙ୍କୁ ପିଟିଥିଲେ। ଫଳରେ ତାଙ୍କ ବାମ କାନ୍ଧ ଓ ଦୁଇ ଆଙ୍ଗୁଠି ଡାହାଣ ହାତ କହୁଣି ଫାଟି ଯାଇଥିଲା। ରକ୍ତାକ୍ତ ଅବସ୍ଥାରେ ପଦ ନିଜ ଜୀବନକୁ ବଞ୍ଚାଇବାକୁ ଥାନାକୁ ଆସି ଅଭିଯୋଗ କରିଥିଲେ।

**ଉତ୍ତର ରେଳପଥ**

**ଭ୍ରମ ସଂଶୋଧନ**

ଫାଇଲ୍ ନଂ.: ସିଆଇଆଇଡି/ଏସ୍ଏଲ୍ଆର୍/ଟେଣ୍ଡର/୨୦୧୯
(ଆଇଆର୍ଇପିଏସ୍ ପୋର୍ଟାଲ୍ ଜରିଆରେ)

ବିଭିନ୍ନ ଇଂରାଜୀ ଓ ହିନ୍ଦୀ ଖବରକାଗଜରେ ପ୍ରକାଶିତ ଏସ୍ଏଲ୍ଆର୍/ଏସ୍ଏଲ୍ଆର୍ଡି ପାର୍ସଲ ଜାଗାର ଲିଜିଂ ପାଇଁ ଏନ୍ଆଇଟି ଯାହା ତା୧୯।୦୯।୨୦୧୯ରିଖରେ ଆଇଆର୍ଇପିଏସ୍ ପୋର୍ଟାଲ୍ ଅର୍ଥାତ୍ **www.ireps.gov.in** ମାଧ୍ୟମରେ ଖୋଲାଯିବା ପାଇଁ ଧାର୍ଯ୍ୟ ହୋଇଥିଲା। ନିମ୍ନଲିଖିତ ଟେଣ୍ଡରଗୁଡ଼ିକର ଏନ୍ଆଇଟିଗୁଡ଼ିକୁ ବୈଷୟିକ କାରଣବଶତଃ ପ୍ରତ୍ୟାହାର କରିନିଆଯାଇଛି।

୧. ଟ୍ରେନ୍ ନଂ.୧୨୮୨୬ ଏକ୍ସ. ଆନନ୍ଦ ବିହାର ଟର୍ମିନାଲରୁ ରାଞ୍ଚିର ଏଫ୍-। କମ୍ପାର୍ଟମେଣ୍ଟ (ଟେଣ୍ଡର ନଂ. ଏସ୍ଏଲ୍ଆର୍-ଏଫ୍ ।-୧୨୮୨୬-ଅଗଷ୍ଟ ୧୯) ପ୍ରତ୍ୟାହୃତ ହୋଇଛି।
୨. ଟ୍ରେନ୍ ନଂ.୧୨୮୨୬ ଏକ୍ସ. ଆନନ୍ଦ ବିହାର ଟର୍ମିନାଲରୁ ରାଞ୍ଚିର ଏଫ୍-।। କମ୍ପାର୍ଟମେଣ୍ଟ (ଟେଣ୍ଡର ନଂ. ଏସ୍ଏଲ୍ଆର୍-ଏଫ୍ ।।-୧୨୮୨୬-ଅଗଷ୍ଟ ୧୯) ପ୍ରତ୍ୟାହୃତ ହୋଇଛି।
୩. ଟ୍ରେନ୍ ନଂ.୧୨୮୨୬ ଏକ୍ସ. ଆନନ୍ଦ ବିହାର ଟର୍ମିନାଲରୁ ରାଞ୍ଚିର ଆର୍-। କମ୍ପାର୍ଟମେଣ୍ଟ (ଟେଣ୍ଡର ନଂ. ଏସ୍ଏଲ୍ଆର୍-ଆର୍ ।-୧୨୮୨୬-ଅଗଷ୍ଟ ୧୯) ପ୍ରତ୍ୟାହୃତ ହୋଇଛି।

ଏନ୍ଆଇଟିର ଅନ୍ୟାନ୍ୟ ସୂଚନା ଅପରିବର୍ତ୍ତିତ ରହିବ। 2987/19

ହର୍ଷର ସହିତ ଗ୍ରାହକଙ୍କ ସେବାରେ

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**ନୟାପଲ୍ଲୀ ଶାଖା**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୩୮୫୨୨

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ଚୁକ୍ତି ହାରରେ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ୨) ଶ୍ରୀ ଶିବ ପ୍ରସାଦ ମିଶ୍ର,** ଉଭୟଙ୍କ ବାସସ୍ଥାନ ଠିକଣା- ସି-୬୨, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର | ଟ.୯,୭୫,୭୪୫/- + ସେବାବଦ ସୁଧ | ୩୧.୦୭.୨୦୧୮ / ୧୩.୦୯.୨୦୧୯ | ଶ୍ରୀମତୀ ସ୍ନିଗ୍ଧା ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ସା: ସି-୬୨, ଏଚ୍ଆଇଜି ଡୁପ୍ଲେକ୍ସ ହାଉସିଂ ସ୍କିମ୍, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ସି-୬୩, ପଶ୍ଚିମ: ପ୍ଲଟ୍ ନଂ.: ସି-୬୧, ଉତ୍ତର: ପ୍ଲଟ୍ ନଂ.: ସି-୬୭, ଦକ୍ଷିଣ: ୩୦ ଫୁଟିଆ ରାସ୍ତା |
| **ଋଣଗ୍ରହୀତା: ଶ୍ରୀମତୀ ଧୁନା କୁମାରୀ ଦାଶ,** ହାଉସ୍ ନଂ.: ଏଲ୍-୧/୪୧୫, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଫେଜ୍-୩, ଭୁବନେଶ୍ୱର / **ଗ୍ୟାରେଣ୍ଟିଦାତା: ଶ୍ରୀ ମାନବ ନାରାୟଣ ପଟ୍ଟନାୟକ,** ଏଚ୍ଆଇଜି-୪୧୪ଇ, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର | ଟ.୪,୩୦,୮୦୮/- + ସେବାବଦ ସୁଧ | ୨୯.୦୩.୨୦୧୯ / ୧୩.୦୯.୨୦୧୯ | ଶ୍ରୀମତୀ ଧୁନା କୁମାରୀ ଦାଶଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଗୃହ ଯାହାର ନଂ.: ଏଲ୍ଆଇଜି-୧/୪୧୫, ଡ୍ରଇଂ ନଂ.: ଏଲ୍-୧୨୩୮/୨୦୦୧, ରେଭିନ୍ୟୁ ପ୍ଲଟ୍ ନଂ.: ୧୧୦(ଅଂଶ), ଖାତା ନଂ.: ୫୧୯, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଫେଜ୍-୩, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ହାଉସ୍ ନଂ.: ଏଲ୍-୧-୪୧୪, ପଶ୍ଚିମ: ଏଲ୍-୧-୪୧୬, ଉତ୍ତର: ରାସ୍ତା, ଦକ୍ଷିଣ: ହାଉସ୍ ନଂ.: ଏଲ୍-୧-୪୧୮ |

ସ୍ଥାନ : ଭୁବନେଶ୍ୱର, ତାରିଖ: ୧୭.୦୯.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

**ପୂର୍ବ ତଟ ରେଳପଥ**

**ବୈଦ୍ୟୁତିକ କାର୍ଯ୍ୟ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-RT-130-E4, ତା: 11.09.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ୱାଲ୍‌ଟିୟର ମଣ୍ଡଳରେ କୋରାପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ଡୁମୁରିପୁଟ-ବାଇଗୁଡ଼ା ସେକ୍ସନ ମଧ୍ୟରେ ସବ୍-ସେକ୍ସନିଂ ଓ ପାରାଲେଲିଂ ପୋଷ୍ଟ (ନୂତନ= 02 ସଂଖ୍ୟକ, ବୃଦ୍ଧିକରଣ= 01 ସଂଖ୍ୟକ), ସେକ୍ସନିଂ ପୋଷ୍ଟ (ବୃଦ୍ଧିକରଣ= 01 ସଂଖ୍ୟକ) ର ଡିଜାଇନ, ଯୋଗାଣ, ନିର୍ମାଣ, ରୂପାନ୍ତରଣ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କରିବା ଏବଂ ସମ୍ପର୍କିତ PSI କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹313.21 ଲକ୍ଷ, **EMD :** ₹3,06,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 08 (ଆଠ) ମାସ।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-T-144E, ତା: 11.09.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ୱାଲ୍‌ଟିୟର ମଣ୍ଡଳରେ ଭାଗ-1 : କୋରାପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ବାଇଗୁଡ଼ା-ଟିକିରି ସେକ୍ସନ ମଧ୍ୟରେ ଟ୍ରାକ୍ସନ ସବ୍-ଷ୍ଟେସନ (ବୃଦ୍ଧିକରଣ=01 ସଂଖ୍ୟକ), ସେକ୍ସନିଂ ଓ ପାରାଲେଲିଂ ପୋଷ୍ଟ (ବୃଦ୍ଧିକରଣ=01 ସଂଖ୍ୟକ), ସବ୍-ସେକ୍ସନିଂ ଓ ପାରାଲେଲିଂ ପୋଷ୍ଟ (ବୃଦ୍ଧିକରଣ=02 ସଂଖ୍ୟକ) ଏବଂ ସମ୍ପର୍କିତ PSI କାର୍ଯ୍ୟ ଏବଂ ଭାଗ-2 : କୋରାପୁଟ-ଜଗଦଲପୁର ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ବନ୍ଧୀୟ କୋରାପୁଟ-ମାନବାର ସେକ୍ସନ ମଧ୍ୟରେ ଟ୍ରାକ୍ସନ ସବ୍-ଷ୍ଟେସନ (ବୃଦ୍ଧିକରଣ= 01 ସଂଖ୍ୟକ) ଏବଂ ସମ୍ପର୍କିତ PSI କାର୍ଯ୍ୟର ଡିଜାଇନ, ଯୋଗାଣ, ନିର୍ମାଣ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କରିବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹294.57 ଲକ୍ଷ, **EMD :** ₹2,97,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 03.10.2019 ର 1200 ଘ. ରେ (ଉଭୟ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଡେପୁଟି ଚିଫ୍ ସିଗ୍ନାଲ୍ ଏବଂ ଟେଲିକମ୍ ଇଞ୍ଜିନିୟର/ ନିର୍ମାଣ/ବିଶାଖାପାଟଣା

PR-49/CC/19-20

**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**e-TENDER NOTICE NO. : HWP/TAL/MAINT (E)/2019/05**

Online tenders are invited through e-tendering mode by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul (Odisha) on behalf of the President of India in two bid from eligible Contractors for the work whose details are given below : **NIT No. : HWP/TAL/MAINT(E)/2019/05**, **Name of the Work** : "Annual Electrical Maintenance Works at HWP Colony, Talcher". **Estimated Cost :** Rs.13,37,640/-. **Earnest Money :** Rs.26,753/-. **Period of Completion :** 12 (Twelve) Months. **Last date and time of submission of Bid :** 28.09.2019 (14:30 hrs.). The bid forms and other details can be obtained from the website **www.tenderwizard.com/DAE.**

**FORM NO.13**
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A. No. 283 of 2019**

**Andhra Bank, Patrapada AIIMS Road Branch, At/P.O.: Patrapada, Bhubaneswar** ...Applicant

**- Versus -**

**M/s. International Confectionary Inc. & another** ...Defendants

1. **M/s. International Confectionary Inc.,** Plot No.: 113/3032, Patrapada, Behind Mahalaxmi Cold Storage, Bhubaneswar, Dist.: Khurda, Pin Code No.: 751019, Represented through its **Partner: Sri Tapan Nayak.**
2. **Tapan Nayak,** aged about 50 years, S/o- Govinda Nayak, Resident of Plot No.: 2773, Nageswar Tangi, Post: Old Town, Bhubaneswar, Dist.: Khurda, Pin Code No.: 751002.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 283 of 2019** in the Court of the Debts of Recovery Tribunal, Cuttack for recovery of **Rs.34,74,701/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **01.11.2019 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

**DATE: 06.09.2019** — **Sd/- (Manoj Kumar Patnaik) REGISTRAR**

**ଆଗ୍ରହର ପରିପ୍ରକାଶ**

**ରେଡ଼ିଓଲୋଜିକାଲ ଯାଞ୍ଚ ନିମନ୍ତେ ନିଦାନ କେନ୍ଦ୍ର (DIAGNOSTIC CENTRE)/ଚିକିତ୍ସାଳୟଗୁଡ଼ିକର ତାଲିକାଭୁକ୍ତିକରଣ**

ନଂ. ECoR/MD/CH/BBS/Radiology/Tie-up/1193, ତା : 10.09.2019

କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ / ଭୁବନେଶ୍ୱର 03 ବର୍ଷ ସମୟାବଧି ନିମନ୍ତେ ରେଳବାଇ ହିତାଧିକାରୀମାନଙ୍କୁ ରେଡ଼ିଓଲୋଜିକାଲ ଯାଞ୍ଚ ସୁବିଧା ଯୋଗାଇଦେବା ପାଇଁ ଭୁବନେଶ୍ୱର ସ୍ଥିତ ରେଡ଼ିଓଲୋଜିକାଲ ଯାଞ୍ଚ କେନ୍ଦ୍ର /ଚିକିତ୍ସାଳୟ ଗୁଡ଼ିକର ତାଲିକାଭୁକ୍ତିକରଣ ନିମନ୍ତେ ଯୋଜନା ପ୍ରସ୍ତୁତ କରୁଛି।

ୱେବ୍‌ସାଇଟ୍‌ରେ ଉପଲବ୍ଧ ଥିବା ନିର୍ଦ୍ଧାରିତ ଆବେଦନ ପତ୍ରରେ ସମସ୍ତ ଆବଶ୍ୟକୀୟ ନଥିପତ୍ର ସହିତ ରେଡ଼ିଓଲୋଜିକାଲ ଯାଞ୍ଚ କେନ୍ଦ୍ର ପାଇଁ ଜଉମୁଦା ଲଫାପାରେ **ଆଗ୍ରହର ପରିପ୍ରକାଶ (EOI)** ଆମନ୍ତ୍ରଣ କରାଯାଉଛି, ଯାହା ତା **10.10.2019**ରିଖ ସୁଦ୍ଧା କିମ୍ବା ତା’ ପୂର୍ବରୁ **ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017** ଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ।

**ଯୋଗ୍ୟତା ମାନଦଣ୍ଡ :**

(1) ରେଡ଼ିଓଲୋଜିକାଲ ସେଣ୍ଟରଗୁଡ଼ିକ ନିଶ୍ଚିତ ଭାବେ ଭୁବନେଶ୍ୱର ସହରରେ ଅବସ୍ଥିତ ହୋଇଥିବ। (2) ନିଦାନ କେନ୍ଦ୍ରରେ ଯୋଗ୍ୟ ରେଡ଼ିଓଲୋଜିଷ୍ଟ ଏବଂ ଟେକ୍‌ନିସିଆନ୍ ମାନେ ଥିବା ଉଚିତ (ସେମାନଙ୍କ ବାୟୋଡ଼ାଟା ଦାଖଲ କରାଯିବା ଆବଶ୍ୟକ)। (3) ରେଡ଼ିଓଲୋଜିକାଲ ସେଣ୍ଟରଗୁଡ଼ିକ E-LORA, PNDT ଅଧିନିୟମ ଏବଂ ଓଡ଼ିଶା ସରକାରଙ୍କ ଅଧିନରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। (4) ରେଡ଼ିଓଲୋଜିକାଲ ସେଣ୍ଟର ନିକଟରେ ସିଟି ସ୍କାନ୍ ଏବଂ MRI, USG, X-Ray ସହିତ ମାମୋଗ୍ରାଫି (Mammography)ର ସୁବିଧା ଥିବା ଆବଶ୍ୟକ। (5) ରେଳବାଇ ଦ୍ୱାରା ଫାର୍ମମାନଙ୍କୁ ପୈଠ କରାଯିବାକୁ ଥିବା ଉପଯୁକ୍ତ ଦର (Rate) CGHS ଦର ଅନୁଯାୟୀ କିମ୍ବା ତା’ ଠାରୁ କମ୍ ହେବ। ଯଦି ଏକ ନିର୍ଦ୍ଦିଷ୍ଟ ଯାଞ୍ଚ ନିମନ୍ତେ CGHS ସୁବିଧା ଉପଲବ୍ଧ ନ ଥାଏ, ତେବେ ସେ କ୍ଷେତ୍ରରେ AIIMS / ଭୁବନେଶ୍ୱର କିମ୍ବା ଅନ୍ୟ ଯେକୌଣସି ସରକାରୀ ଦର ଲାଗୁ ହେବ। ଯଦି ଏକ ନିର୍ଦ୍ଦିଷ୍ଟ ଯାଞ୍ଚ ନିମନ୍ତେ ସରକାରୀ ଚିକିତ୍ସାଳୟ ଦର ଉପଲବ୍ଧ ନ ହେବା ସ୍ଥଳେ ରେଳବାଇ ଏବଂ ସେଣ୍ଟର ମଧ୍ୟରେ ହୋଇଥିବା ପାରସ୍ପରିକ ବୁଝାମଣାପତ୍ର ଅନୁଯାୟୀ ଯଥୋଚିତ ଦର ପ୍ରଦାନ କରାଯିବ। (6) ସେଣ୍ଟର ମାସିକ ଭିତ୍ତିରେ ବିଲ୍ ପୈଠ ଉପରେ ନଗଦ ବିହୀନ ସେବା (Cashless Service ) ଗ୍ରହଣ କରିବାକୁ ଇଚ୍ଛୁକ ଥିବା ଦରକାର। (7) ଯୋଗ୍ୟତା ମାନଦଣ୍ଡ ଏବଂ ଉପଲବ୍ଧ ସୁବିଧାଜନିତ ସୁନିଶ୍ଚିତତା ନିମନ୍ତେ ଆଗ୍ରହର ପରିପ୍ରକାଶ (EOI) ପ୍ରାପ୍ତ ପରେ କେନ୍ଦ୍ରୀୟ ଚିକିତ୍ସାଳୟରୁ ଡାକ୍ତରଙ୍କ ଏକ କମିଟି ନିଦାନ କେନ୍ଦ୍ର / ଚିକିତ୍ସାଳୟ ପରିଦର୍ଶନ କରିବେ। (8) ରିପୋର୍ଟଗୁଡ଼ିକ ସେହିଦିନ ଯୋଗାଇ ଦେବା ଆବଶ୍ୟକ କିମ୍ବା ଅତି କମ୍‌ରେ ସେଗୁଡ଼ିକୁ SMS / WhatsApp ମାଧ୍ୟମରେ ପରାମର୍ଶ ଦେଇଥିବା ଚିକିତ୍ସକଙ୍କୁ ସୂଚିତ କରାଯିବା ଆବଶ୍ୟକ, ଯାହା ଫଳରେ ତଦନୁଯାୟୀ ଚିକିତ୍ସା ସେବା ଆରମ୍ଭ କରାଯାଇପାରିବ।

ସ୍ପଷ୍ଟୀକରଣ ନିମନ୍ତେ - ଦୟାକରି ସମ୍ପର୍କ କରନ୍ତୁ : ଚିକିତ୍ସା ନିର୍ଦ୍ଦେଶକ / କେନ୍ଦ୍ରୀୟ ଚିକିତ୍ସାଳୟ / ପୂର୍ବ ତଟ ରେଳପଥ / ଭୁବନେଶ୍ୱର-751017, ଫୋନ୍ ନଂ.: 0674-2748895, ଇମେଲ୍ : medicaldirector8@gmail.com

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

PR-372/K/19-20 — ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ, ଭୁବନେଶ୍ୱର

**ପୂର୍ବ ତଟ ରେଳପଥ**



ପ୍ରିୟ ଓ ମିଠା କଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ସଂକ୍ଷେପରେ

### ଜଙ୍ଗଲରୁ କାଠ ଲୁଟ୍ ଘଟଣା
### ଘଟଣାସ୍ଥଳ ପରିଦର୍ଶନ କଲେ ଡିଏଫ୍‌ଓ



**ନୂଆଗାଁ,୧୭।୯ (ଡି.ଏନ.ଏ.):** ନୟାଗଡ଼ ଜିଲା ମହିପୁର ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲରୁ ମୂଲ୍ୟବାନ ଗଛ କାଟି ମାଫିଆମାନେ ତାହାକୁ ବାହାରକୁ ଚାଲାଣ କରୁଛନ୍ତି। ଏହା ଜାଣି ସୁଦ୍ଧା ବନ ବିଭାଗ ଅଧିକାରୀ ଓ କର୍ମଚାରୀ ନୀରବଦ୍ରଷ୍ଟା ସାଜୁଛନ୍ତି। ଏ ସଂକ୍ରାନ୍ତରେ ଫଟୋ ସମ୍ବଳିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ମଙ୍ଗଳବାର ନୟାଗଡ଼ ଡିଏଫ୍‌ଓ ଧନରାଜ ଏଚ୍‌ଡ଼ି, ମହିପୁର ରେଞ୍ଜର ସୁଧାଂଶୁ ଶେଖର ପଣ୍ଡା ଓ ସ୍ଥାନୀୟ ବନପାଳ କାଠ କଟାଯାଉଥିବା ସ୍ଥାନ ଗୁମୀ ସେକ୍ସନର ଲତାଦେଈ ଜଙ୍ଗଲକୁ ଯାଇ ତଦନ୍ତ କରିଛନ୍ତି। ସାଇଜ କାଟିବା ଉଦ୍ଦେଶ୍ୟରେ ରଖାଯାଇଥିବା ୪ ଗୋଟି ବିଶାଳ ଶାଳ ଗଣ୍ଡିକୁ ଦେଖି ଡିଏଫ୍‌ଓ କ୍ଷୋଭ ପ୍ରକାଶ କରିବା ସହ ଏଥିପ୍ରତି ଦୃଷ୍ଟି ଦେବାକୁ ବନପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଗଛକାଟି ପଦା କରାଯାଇଥିବା ଜଙ୍ଗଲ ଜାଗା କାହାର ତାହା ଚିହ୍ନଟ କରିବା ପାଇଁ ନୂଆଗାଁ ତହସିଲଦାର ଓ ରେଞ୍ଜରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଜାଗା ଯଦି ବନ ବିଭାଗର ହୋଇଥିବ ତେବେ ସମ୍ପୃକ୍ତ ଲୋକଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ବିଶାଳ ଶାଳ ଗଛର ୫ଟି ଗଣ୍ଡି ମଧ୍ୟରୁ କାଠ ମାଫିଆ ମୂଳଗଣ୍ଡିକୁ କାଟି ସାଇଜ କରି ନେଇଯାଇଥିବା ବେଳେ ଅନ୍ୟ ୪ଟିକୁ ବନ ବିଭାଗ ଜବତ କରିଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

**ରଣପୁର,୧୭।୯(ସ୍ୱ.ପ୍ର.):** ରଣପୁର ଥାନା ସୁନାଖଳା ଫାଣ୍ଡି ଗଡବାଣିକିଲୋ ଗାଁର ଅବସରପ୍ରାପ୍ତ ଶିକ୍ଷକ ଗୋଲଖ ପରିଡା(୬୨)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ପୋଲିସ ୧୨/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ମିଳିଥିବା ସୂଚନା ଅନୁସାରେ ଗୋଲଖ କୋରାପୁଟରେ ଶିକ୍ଷକତା କରି ଅବସର ନେଇଥିଲେ। କିଛି ଦିନ ହେବ ସେ ଗାଁକୁ ଆସିଥିଲେ। ମଙ୍ଗଳବାର ପୂର୍ବାହ୍ନ ୯ଟାରେ ସେ ବିଲକୁ ଧାନ ଚାଷ ଦେଖିବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ଚାଷଜମିରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ତାଙ୍କ ଶରୀରର ବିଭିନ୍ନ ଅଂଶ ଶିଝିଗଲା ଭଳି ଦେଖାଯାଉଥିବାରୁ ପ୍ରବଳ ଖରା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ରଣପୁର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ■ ରାଶନକାର୍ଡରେ ଆଧାର ସଂଯୋଗ
# ବାଦ୍ ପଡ଼ିପାରନ୍ତି ୪୫ ହଜାର ହିତାଧିକାରୀ

**ନୟାଗଡ଼ ଅଫିସ,୧୭।୯**

### ୩୧ ତାରିଖ ପର୍ଯ୍ୟନ୍ତ କରିପାରିବେ ସଂଯୋଗ

ନୟାଗଡ଼ ଜିଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍(ଏନ୍‌ଏଫ୍‌ଏସ୍‌ଏ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍)ରେ ରାଶନ ସାମଗ୍ରୀ ନେଉଥିବା ୪୫ ହଜାର ହିତାଧିକାରୀ ବାଦ୍ ପଡିବା ସମ୍ଭାବନା ରହିଛି। ସରକାର ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ରାଶନ କାର୍ଡ଼ ସହିତ ଆଧାର ଲିଙ୍କ୍ କରିବା ପାଇଁ ହିତାଧିକାରୀମାନଙ୍କୁ କହିଥିବା ବେଳେ ଜିଲାରେ ଏ ପର୍ଯ୍ୟନ୍ତ ୪୫ ହଜାର ହିତାଧିକାରୀ ରାଶନ କାର୍ଡ ସହିତ ଆଧାର କାର୍ଡ ସଂଯୋଗ (ଲିଙ୍କ୍) କରିନାହାନ୍ତି। ବିଭିନ୍ନ ତ୍ରୁଟି ଯୋଗୁ ଲୋକମାନେ ଆଧାର କାର୍ଡ଼ ପାଇ ନ ଥିବା ବେଳେ କିଛି ସ୍ଥାନରେ ଭୂତ ହିତାଧିକାରୀ ରାଶନ ସାମଗ୍ରୀ ଉଠାଉଥିବାରୁ ଏହିଭଳି ଅବ୍ୟବସ୍ଥା ଦେଖା ଯାଇଥିବା ନେଇ ଆଲୋଚନା ହେଉଛି। ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଜିଲାର ୧ ଲକ୍ଷ ୯୯ ହଜାର ୩୪୭ ପରିବାରର ୭ ଲକ୍ଷ ୧୪ ହଜାର ୮୮୭ ଜଣ ହିତାଧିକାରୀ ରାଶନ ସାମଗ୍ରୀ ନେଉଛନ୍ତି। ସେମାନଙ୍କ ମଧ୍ୟରୁ ଚଳିତମାସ ୧୦ ତାରିଖ ସୁଦ୍ଧା ୬ ଲକ୍ଷ ୬୯ ହଜାର ୭୯୧ ଜଣ ହିତାଧିକାରୀ ରାଶନ କାର୍ଡ଼ ସହିତ ସେମାନଙ୍କର ଆଧାରକାର୍ଡ଼ ସଂଯୋଗ କରିଛନ୍ତି। ବଳକା ୪୫,୦୯୬ ଜଣ ହିତାଧିକାରୀ ସେମାନଙ୍କ ରାଶନ କାର୍ଡ଼ ସହିତ ଆଧାର କାର୍ଡ଼ ସଂଯୋଗ କରିନାହାନ୍ତି।

ପ୍ରକାଶ ଯେ, ଭାପୁର ବ୍ଲକରେ ୮୦,୪୩୬ ହିତାଧିକାରୀ ଥିବା ବେଳେ ସେମାନଙ୍କ ମଧ୍ୟରୁ ୭୬,୧୩୭, ଦଶପଲ୍ଲା ବ୍ଲକରେ ୭୮,୪୨୯ ହିତାଧିକାରୀଙ୍କ ମଧ୍ୟରୁ ୭୨,୮୦୬, ଗଣିଆ ବ୍ଲକରେ ୩୦,୦୨୩ ହିତାଧିକାରୀଙ୍କ ମଧ୍ୟରୁ ୨୯,୧୪୧, ଖଣ୍ଡପଡ଼ା ବ୍ଲକରେ ୮୦,୦୩୩ ହିତାଧିକାରୀଙ୍କ ମଧ୍ୟରୁ ୭୬,୧୩୫, ଖଣ୍ଡପଡ଼ା ଏନ୍‌ଏସିରେ ୪,୪୧୯ ହିତାଧିକାରୀଙ୍କ ମଧ୍ୟରୁ ୪,୩୮୯, ନୟାଗଡ଼ ବ୍ଲକରେ ୧,୧୪,୬୧୨ ହିତାଧିକାରୀଙ୍କ ମଧ୍ୟରୁ ୧,୦୬,୭୪୪, ନୟାଗଡ଼ ମ୍ୟୁନିସିପାଲିଟିରେ ୬,୫୮୫ ହିତାଧିକାରୀଙ୍କ ମଧ୍ୟରୁ ୫,୫୧୬, ନୂଆଗାଁ ବ୍ଲକରେ ୭୦,୫୫୭ ହିତାଧିକାରୀଙ୍କ ମଧ୍ୟରୁ ୬୬,୬୫୫, ଓଡ଼ଗାଁ ବ୍ଲକରେ ୧,୨୪,୯୬୭ ଜଣ ହିତାଧିକାରୀଙ୍କ ମଧ୍ୟରୁ ୧,୧୬,୪୯୮, ରଣପୁର ବ୍ଲକରେ ୧,୨୪,୮୨୬ ହିତାଧିକାରୀଙ୍କ ମଧ୍ୟରୁ ୧,୧୫,୭୭୦ ଜଣ ରାଶନ କାର୍ଡ଼ ସହିତ ଅଧାର କାର୍ଡ଼କୁ ସଂଯୋଗ କରିଛନ୍ତି। ଜିଲାରେ ୪୫ ହଜାର ହିତାଧିକାରୀ ଆଧାର କାର୍ଡ଼ ସଂଯୋଗ ନ କରିବାର ବିଭିନ୍ନ କାରଣ ରହିଛି। କିଛି ସ୍ଥାନରେ ପରିବାରରୁ ଝିଅମାନେ ବିବାହ କରି ଚାଲି ଯାଇଥିବା ବେଳେ ସେମାନଙ୍କ ନାମରେ ରାଶନ ସାମଗ୍ରୀ ଉଠାଇ ନିଆଯାଉଛି। ସେହିଭଳି କିଛି ସ୍ଥାନରେ ଥିଲାବାଲା ରାଶନ କାର୍ଡ଼ ହାତେଇ ଥିବାରୁ ସେମାନେ ଆଧାର ସଂଯୋଗ କରି ନାହାନ୍ତି। ଏପରି ସ୍ଥଳେ ଜିଲା ଯୋଗାଣ ବିଭାଗ ଆଧାର କାର୍ଡ଼ ସଂଯୋଗ କରି ନ ଥିବା ହିତାଧିକାରୀଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନେଉଛି ତାହାକୁ ନେଇ ଆଲୋଚନା ହେଉଛି। ଏ ନେଇ ଜିଲା ଯୋଗାଣ ଅଧିକାରୀ ବିକ୍ରମ କୁମାର ମାଝୀଙ୍କୁ ପଚାରିବାରୁ ସେ କୁହନ୍ତି ଜିଲାରେ ଗତ ୧୦ ତାରିଖ ସୁଦ୍ଧା ୪୫,୦୯୬ ଜଣ ହିତାଧିକାରୀ ସେମାନଙ୍କର ରାଶନ କାର୍ଡ଼ ସହିତ ଆଧାର କାର୍ଡ଼ ସଂଯୋଗ କରିନାହାନ୍ତି। ଚଳିତ ମାସ ଶେଷ ସୁଦ୍ଧା ସେମାନଙ୍କୁ ଆଧାର ଲିଙ୍କ କରିବା ପାଇଁ ସମୟ ଦିଆଯିବ। ଏହି ସମୟ ଭିତରେ ଆଧାର କାର୍ଡ଼ ଲିଙ୍କ ନ କଲେ ସେମାନଙ୍କ ନାମ କଟିଯିବ ବୋଲି ସେ ପ୍ରକାଶ କରିଥିଲେ।

## ■ ୨ ବାଇକ୍ ମୁହାଁମୁହିଁ ଧକ୍କା
# ଦୁର୍ଘଟଣାରେ ଜଣେ ମୃତ, ୧ ଆହତ



ମୃତକଙ୍କ ନିକଟରେ ଶୋକାକୁଳ ପରିବାରବର୍ଗ।

**ନୟାଗଡ଼ ଅଫିସ,୧୭।୯**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଦ୍ୱାରଗାଁ ଛକରେ ମଙ୍ଗଳବାର ଅପରାହ୍ନରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ହେଲେ ଇଟାମାଟି ନାରୟଣୀପାଟଣା ସାହିର ପ୍ରସନ୍ନ କୁମାର ପ୍ରଧାନ । ଗୁରୁତର ଯୁବକ ହେଲେ ତାପସ କୁମାର ପ୍ରଧାନ।

ପ୍ରକାଶ ଯେ, ପ୍ରସନ୍ନ ଓ ତାପସ ଏକ ବାଇକ୍‌ରେ ମଙ୍ଗଳବାର ମଧ୍ୟଖଣ୍ଡକୁ ବୁଲିବାକୁ ଯାଇଥିଲେ। ମଧ୍ୟଖଣ୍ଡରୁ ଦଶପଲ୍ଲାକୁ ଆସୁଥିବା ବେଳେ ଦ୍ୱାରଗାଁ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହିତ ତାଙ୍କ ଗାଡି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ପ୍ରସନ୍ନ ଓ ତାପସ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ଅନ୍ୟ ଏକ ବାଇକ୍ ଚାଳକ ଦୁର୍ଘଟଣା ଘଟାଇ ଫେରାର୍ ହୋଇଯାଇଥିଲେ। ପ୍ରାୟ ଅଧ ଘଣ୍ଟା ପରେ କିଛି ଲୋକ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ଫୋନ୍ କରିବାରୁ ଆମ୍ବୁଲାନ୍ସ ପହଞ୍ଚି ଉଭୟଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସନ୍ନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାପସ ବର୍ତ୍ତମାନ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ବାଇକ୍‌କୁ ଜବତ କରିଛି ।



ଗୁରୁତର ତାପସ।

# ଦାସିଆ ଅଜାଙ୍କ ସଂଗ୍ରହାଳୟରେ ଚନ୍ଦ୍ରପୃଷ୍ଠର ପଥର

**ନୂଆଗାଁ,୧୭।୯ (ଡି.ଏନ.ଏ.)**

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଚନ୍ଦ୍ରୟାନ -୨କୁ ଚନ୍ଦ୍ରପୃଷ୍ଠରେ ଅବତରଣ କରି ଚନ୍ଦ୍ରରେ ଥିବା ଅନେକ ତଥ୍ୟ ଉନ୍ମୋଚନ କରି ମହାକାଶ ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିବା ପାଇଁ ପ୍ରୟାସ ଜାରି ରଖିଛି। କିନ୍ତୁ ଏହାର ବହୁବର୍ଷ ପୂର୍ବରୁ ଚନ୍ଦ୍ରପୃଷ୍ଠରୁ ଆସିଥିବା ଛୋଟ ଛୋଟ ତିନିଖଣ୍ଡ ପଥର ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତର ଦାସିଆ ଅଜାଙ୍କ ସଂଗ୍ରହାଳୟରେ ଗଚ୍ଛିତ ରହିଛି। ବୈଜ୍ଞାନିକ ନୀଲ୍ ଆର୍ମଷ୍ଟ୍ରଙ୍ଗ ୧୯୬୯ ମସିହାରେ ପ୍ରଥମେ ଚନ୍ଦ୍ରପୃଷ୍ଠରେ ଅବତରଣ କରି ସେଠାରୁ ଅନେକ ତଥ୍ୟ ଆଣିବା ସହ କିଛି ପଦାର୍ଥ ମଧ୍ୟ ସଂଗ୍ରହ କରି ଫେରିଥିଲେ। ଉକ୍ତ ପଥର ତିନିଖଣ୍ଡକୁ ୧୯୮୪ ମସିହାରୁ ଦାସିଆ ଅଜାଙ୍କ ସଂଗ୍ରହାଳୟରେ ଗବେଷକ, ପର୍ଯ୍ୟଟକ ଓ ଦର୍ଶକମାନଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶିତ କରାଯାଇଛି। ପଣ୍ଡିତ ନୀଳକଣ୍ଠ ଦାସଙ୍କ ପୁତ୍ର ପ୍ରଫେସର ଡା. ବିକ୍ରମ ଦାସ ଆମେରିକାରେ ରହୁଥିବା ସମୟରେ ଚନ୍ଦ୍ର ପୃଷ୍ଠର ଏହି ପଥର ଓ ୬୫ ବର୍ଷ ପୂର୍ବର ଡାଇନୋସର ହାଡ ସଂଗ୍ରହ କରି ଓଡ଼ିଶାକୁ ଆଣିଥିଲେ। ସେହି ସମୟରେ ଏହି ପଥର ଓ ଉତ୍କଳମଣି ଗୋପବନ୍ଧୁଙ୍କ ବ୍ୟବହୃତ ବାକ୍ସକୁ ରାଜ୍ୟ ସଂଗ୍ରହାଳୟରେ ପ୍ରଦର୍ଶିତ କରିବା ପାଇଁ ପ୍ରଫେସର ଦାସଙ୍କୁ ସରକାର ପ୍ରସ୍ତାବ ଦେଇଥିଲେ ମଧ୍ୟ ତାହା କରାଯାଇପାରି ନ ଥିଲା। ପ୍ରଫେସର ଦାସ ଦାସିଆ ଅଜାଙ୍କ ସଂଗ୍ରହାଳୟ ଦେଖିବା ପରେ ଏହି ବିରଳ ପଦାର୍ଥଗୁଡ଼ିକୁ ପ୍ରଦର୍ଶିତ କରିବା ଉଦ୍ଦେଶ୍ୟରେ ଦାସିଆ ଅଜାଙ୍କୁ ପ୍ରଦାନ କରିଥିଲେ। ସଂଗ୍ରହାଳୟର ସମ୍ପାଦକ ତଥା ଦାସିଆ ଅଜାଙ୍କ ନାତି ଦୀପକ କୁମାର ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।



ସଂଗ୍ରହାଳୟରେ ଚନ୍ଦ୍ରପୃଷ୍ଠର ପଥର।

## ■ ଟିକାଦାନକୁ ନେଇ ବିବାଦ ଘଟଣା
# ଅଭିଯୁକ୍ତଙ୍କ ଗିରଫ ଦାବି କଲା ଅଙ୍ଗନୱାଡ଼ି ସଂଘ

**ରଣପୁର,୧୭।୯(ସ୍ୱ.ପ୍ର.)**

ଟିକାଦାନକୁ ନେଇ ରଣପୁର ବ୍ଲକ ଚାନ୍ଦପୁର ଥାନା କନ୍ଦନୟାଗଡ ଚନ୍ଦ୍ରମାପାଟପୁର ଅଙ୍ଗନୱାଡ଼ି କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀ ଓ ଜଣେ ବ୍ୟକ୍ତିଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ପୋଲିସ ଏହି ଘଟଣାରେ ଆଇନଗତ ପଦକ୍ଷେପ ନ ନେଇ ଚୁପ ରହିବା ପରେ ବ୍ଲକ କମିଟି ଅଙ୍ଗନୱାଡ଼ି କର୍ମୀଙ୍କ ପକ୍ଷରୁ ପ୍ରତିବାଦ କରାଯାଇଛି । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ କର୍ମୀମାନେ ମଙ୍ଗଳବାର ଚାନ୍ଦପୁର ଥାନାରେ ଆଇଆଇସିଙ୍କୁ ଭେଟି ଦାବି କରିଛନ୍ତି। ଆଇଆଇସିଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ ସେମାନେ ଘରକୁ ଫେରିଥିଲେ। ଅଭିଯୋଗ ଅନୁସାରେ ଗତ ୧୧ ତାରିଖରେ ଚନ୍ଦ୍ରମାପାଟପୁର ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ଟିକାଦାନ କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ସେହି ଗ୍ରାମର ଯୋଗେନ୍ଦ୍ର ରାମ (୩୫) ପହଞ୍ଚି ଅଙ୍ଗନୱାଡ଼ି କର୍ମୀଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ । ଅଙ୍ଗନୱାଡ଼ି କର୍ମୀ ଟୁକୁନା ବାଳା ଦାସ ଏ ନେଇ ଚାନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮୩/୧୯ରେ ମାମଲା ରୁଜୁ କରିଥିଲା। ସେହିପରି ଯୋଗେନ୍ଦ୍ର ରାମ ଅଙ୍ଗନୱାଡ଼ି କର୍ମୀଙ୍କ ନାଁରେ ପାଲଟା ଅଭିଯୋଗ କରିବା ପରେ ପୋଲିସ ୮୪/୧୯ରେ ମାମଲା ରୁଜୁ କରିଥିଲା । ଯୋଗେନ୍ଦ୍ର ନିଜ ସ୍ତ୍ରୀଙ୍କ ସହ ଝିଅକୁ ଟିକାଦାନ କରିବାକୁ ନେଇଥିବାବେଳେ ସେଠାରେ ଅଙ୍ଗନୱାଡ଼ି କର୍ମୀ ଟିକାଦାନ କରିବାକୁ ମନା କରିଥିଲେ । ପରେ ସେ ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି।



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଅଙ୍ଗନୱାଡ଼ି କର୍ମକର୍ତ୍ତା।

## ■ ମହର୍ଷି ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟର ୬ଷ୍ଠ ବାର୍ଷିକୋତ୍ସବ
# ଚରିତ୍ର ଗଠନରେ ସଂଯମତାର ଆବଶ୍ୟକତା ରହିଛି

**ଓଡ଼ଗାଁ ୧୭।୯(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପଥରାସ୍ଥିତ ମହର୍ଷି ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟର ଷଷ୍ଠ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ରବିବାର ଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ତଥା ମାନବ ନିର୍ମାଣ ଶିବିର ମଙ୍ଗଳବାର ପୂର୍ଣ୍ଣାହୁତି ସହିତ ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଦୈନିକ ଶିବିରାର୍ଥୀମାନେ ସାମୂହିକ ପ୍ରଭାତ ବନ୍ଦନା, ଯୋଗାସନ, ପ୍ରାଣାୟମ କରିଥିଲେ। ସନ୍ଧ୍ୟାରେ ଯଜ୍ଞ ଓ ଭଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ରବିବାର ଉଦଘାଟନୀ ଦିବସରେ ଡ. ରମେଶ ଚନ୍ଦ୍ର ଦାଶ ସ୍ୱାସ୍ଥ୍ୟ ହିଁ ସମ୍ପଦ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିବା ସହିତ ସୋମବାର ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର ପରିଚାଳନା କରିଥିଲେ। ସେହିପରି ସନ୍ଧ୍ୟାରେ ମାନବ ନିର୍ମାଣର ସରଳ ଓ ସୁଗମ ସୂତ୍ର ସମ୍ବନ୍ଧରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ପ୍ରବଚନ ମାଧ୍ୟମରେ କହିଥିଲେ । ମଙ୍ଗଳବାର ସଂସ୍ଥାନର ୬ଷ୍ଠ ବାର୍ଷିକୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଜିଲା ଆର୍ଯ୍ୟ ସମାଜ ସଭାପତି ରଘୁନାଥ ନାୟକ ଅଧକ୍ଷତା କରିଥିଲେ । ହରିୟାଣାସ୍ଥିତ ଆର୍ମି ଭେଟେରାନ ତଥା ପରିବେଶବିତ୍ ସୁବେଦାର ନାରାୟଣ ସିଂ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ସ୍ୱାମୀ ମୁକ୍ତାନନ୍ଦଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆର୍ମି ଭେଟେରାନ (ଫରିଦାବାଦ)ସୁବେଦାର କରମଚାନ୍ଦ, ଜିଲା ଉତ୍କଳ ସାମ୍ବାଦିକ ସଂଘ ତଥା ଆରଡା ଆର୍ଯ୍ୟ ସମାଜ ସଭାପତି ଶ୍ରୀକାନ୍ତ କୁମାର ଖଟେଇ, ଆର୍ମି ଭେଟେରାନ ଆଦର୍ଶ କୁମାର ପଟ୍ଟନାୟକ, ପଣ୍ଡିତ ଲକ୍ଷ୍ମଣ କୁମାର ଶାସ୍ତ୍ରୀ (ମାଣିତରା) ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ସୁବେଦାର ବର୍ମା ଚରିତ୍ର ନିର୍ମାଣ ନିମନ୍ତେ ଦୈନିକ ଆଚାର ବ୍ୟବହାରରେ ସଂଯମତାର ଆବଶ୍ୟକତା ସମ୍ପର୍କରେ ଉଦାହରଣ ସହିତ ବୁଝାଇଥିଲେ। ସ୍ୱାମୀ ମୁକ୍ତାନନ୍ଦଜୀ ଭାରତ ହିଁ ବିଶ୍ୱଗୁରୁ ବେଦରେ ପ୍ରମାଣ ରହିଛି ବୋଲି କହିଥିଲେ । ଏହି ଅବସରରେ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ତିନିଦିନ ବ୍ୟାପୀ ନୃସିଂହ ବ୍ରହ୍ମଚାରୀ, ପ୍ରେମାନନ୍ଦ ଆର୍ଯ୍ୟ ଓ ବିଦ୍ୟାଧର ବହ୍ମଚାରୀ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଶଶି ଭୂଷଣ ଆଚାରୀ ଓ ସଦସ୍ୟ ଅରୁଣ କୁମାର ଆଚାରୀଙ୍କ ସମେତ ପଥରା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।


**ପୂର୍ବ ତଟ ରେଳପଥ**
**ବୈଦ୍ୟୁତିକ କାର୍ଯ୍ୟ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-RT-130-E4, ତା: 11.09.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ୱାଲ୍‌ଟିୟର ମଣ୍ଡଳରେ କୋରାପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ଡୁମୁରିପୁଟ-ବାଇଗୁଡ଼ା ସେକ୍ସନ ମଧ୍ୟରେ ସବ୍-ସେକ୍ସନିଂ ଓ ପାରାଲେଲିଂ ପୋଷ୍ଟ (ନୂତନ= 02 ସଂଖ୍ୟକ, ବୃଦ୍ଧିକରଣ= 01 ସଂଖ୍ୟକ), ସେକ୍ସନିଂ ପୋଷ୍ଟ (ବୃଦ୍ଧିକରଣ= 01 ସଂଖ୍ୟକ) ର ଡ଼ିଜାଇନ୍, ଯୋଗାଣ, ନିର୍ମାଣ, ରୂପାନ୍ତରଣ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କରିବା ଏବଂ ସମ୍ପର୍କିତ PSI କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹313.21 ଲକ୍ଷ, **EMD :** ₹3,06,600.00, ଟେଣ୍ଡର କାଗଜପତ୍ର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି:08 (ଆଠ) ମାସ।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-T-144E, ତା: 11.09.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ୱାଲ୍‌ଟିୟର ମଣ୍ଡଳରେ ଭାଗ-1 : କୋରାପୁଟ-ସିଙ୍ଗାପୁର ରୋଡ଼ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ବାଇଗୁଡ଼ା-ଟିକିରି ସେକ୍ସନ ମଧ୍ୟରେ ଟ୍ରାକ୍ସନ ସବ୍-ଷ୍ଟେସନ (ବୃଦ୍ଧିକରଣ=01 ସଂଖ୍ୟକ), ସେକ୍ସନିଂ ଓ ପାରାଲେଲିଂ ପୋଷ୍ଟ (ବୃଦ୍ଧିକରଣ=01 ସଂଖ୍ୟକ), ସବ୍-ସେକ୍ସନିଂ ଓ ପାରାଲେଲିଂ ପୋଷ୍ଟ (ବୃଦ୍ଧିକରଣ=02 ସଂଖ୍ୟକ) ଏବଂ ସମ୍ପର୍କିତ PSI କାର୍ଯ୍ୟ ଏବଂ ଭାଗ-2 : କୋରାପୁଟ-ଜଗଦଲପୁର ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ବନ୍ଧୀୟ କୋରାପୁଟ-ମାନବାର ସେକ୍ସନ ମଧ୍ୟରେ ଟ୍ରାକ୍ସନ ସବ୍-ଷ୍ଟେସନ (ବୃଦ୍ଧିକରଣ= 01 ସଂଖ୍ୟକ) ଏବଂ ସମ୍ପର୍କିତ PSI କାର୍ଯ୍ୟର ଡ଼ିଜାଇନ୍, ଯୋଗାଣ, ନିର୍ମାଣ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କରିବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹294.57 ଲକ୍ଷ, **EMD :** ₹2,97,300.00, ଟେଣ୍ଡର କାଗଜପତ୍ର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି:06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 03.10.2019 ର 1200 ଘ. ରେ (ଉଭୟ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଡେପୁଟି ଚିଫ୍ ସିଗ୍ନାଲ ଏବଂ ଟେଲିକମ୍ ଇଞ୍ଜିନିୟର/ ନିର୍ମାଣ/ବିଶାଖାପାଟଣା
PR-49/CC/19-20



**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**e-TENDER NOTICE NO. : HWP/TAL/MAINT (E)/2019/05**

Online tenders are invited through e-tendering mode by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul (Odisha) on behalf of the President of India in two bid from eligible Contractors for the work whose details are given below : **NIT No. : HWP/TAL/MAINT(E)/2019/05**, **Name of the Work** : "Annual Electrical Maintenance Works at HWP Colony, Talcher". **Estimated Cost :** Rs.13,37,640/-. **Earnest Money** : Rs.26,753/-. **Period of Completion :** 12 (Twelve) Months. **Last date and time of submission of Bid** : 28.09.2019 (14:30 hrs.). The bid forms and other details can be obtained from the website **www.tenderwizard.com/DAE.**



**FORM NO.13**
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A. No. 283 of 2019**

**Andhra Bank, Patrapada AIIMS Road Branch,**
**At/P.O.: Patrapada, Bhubaneswar** ...Applicant
- Versus -
**M/s. International Confectionary Inc. & another** ...Defendants

1. **M/s. International Confectionary Inc.,** Plot No.: 113/3032, Patrapada, Behind Mahalaxmi Cold Storage, Bhubaneswar, Dist.: Khurda, Pin Code No.: 751019, Represented through its **Partner: Sri Tapan Nayak.**
2. **Tapan Nayak,** aged about 50 years, S/o- Govinda Nayak, Resident of Plot No.: 2773, Nageswar Tangi, Post: Old Town, Bhubaneswar, Dist.: Khurda, Pin Code No.: 751002.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 283 of 2019** in the Court of the Debts of Recovery Tribunal, Cuttack for recovery of **Rs.34,74,701/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **01.11.2019 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

**DATE: 06.09.2019** Sd/- (Manoj Kumar Patnaik) REGISTRAR



**ଉତ୍ତର ରେଳପଥ**
**ଭ୍ରମ ସଂଶୋଧନ**

ଫାଇଲ୍ ନଂ.: ସିଆଇଆଇଡି/ଏସ୍‌ଏଲଆର୍/ଟେଣ୍ଡର/୨୦୧୯
(ଆଇଆର୍‌ଇପିଏସ୍ ପୋର୍ଟାଲ୍ କରିଆରେ)

ବିଭିନ୍ନ ଇଂରାଜୀ ଓ ହିନ୍ଦୀ ଖବରକାଗଜରେ ପ୍ରକାଶିତ ଏସ୍‌ଏଲଆର୍/ଏସ୍‌ଏଲଆରଡି ପାର୍ସଲ ଜାଗାର ଲିଜିଂ ପାଇଁ ଏନ୍‌ଆଇଟି ଯାହା ତା୧୯।୦୯।୨୦୧୯ରିଖରେ ଆଇଆର୍‌ଇପିଏସ୍ ପୋର୍ଟାଲ୍ ଅର୍ଥାତ୍ **www.ireps.gov.in** ମାଧ୍ୟମରେ ଖୋଲାଯିବା ପାଇଁ ଧାର୍ଯ୍ୟ ହୋଇଥିଲା। ନିମ୍ନଲିଖିତ ଟେଣ୍ଡରଗୁଡ଼ିକର ଏନ୍‌ଆଇଟିଗୁଡ଼ିକୁ ବୈଷୟିକ କାରଣବଶତଃ ପ୍ରତ୍ୟାହାର କରିନିଆଯାଇଛି।

୧. ଟ୍ରେନ୍ ନଂ.୧୨୮୨୬ ଏକ୍ସ. ଆନନ୍ଦ ବିହାର ଟର୍ମିନାଲରୁ ରାଞ୍ଚିର ଏଫ୍-। କମ୍ପାର୍ଟମେଣ୍ଟ (ଟେଣ୍ଡର ନଂ. **ଏସ୍‌ଏଲଆର୍-ଏଫ୍ ।-୧୨୮୨୬-ଅଗଷ୍ଟ ୧୯**) ପ୍ରତ୍ୟାହୃତ ହୋଇଛି।
୨. ଟ୍ରେନ୍ ନଂ.୧୨୮୨୬ ଏକ୍ସ. ଆନନ୍ଦ ବିହାର ଟର୍ମିନାଲରୁ ରାଞ୍ଚିର ଏଫ୍-।। କମ୍ପାର୍ଟମେଣ୍ଟ (ଟେଣ୍ଡର ନଂ. **ଏସ୍‌ଏଲଆର୍-ଏଫ୍ ।।-୧୨୮୨୬-ଅଗଷ୍ଟ ୧୯**) ପ୍ରତ୍ୟାହୃତ ହୋଇଛି।
୩. ଟ୍ରେନ୍ ନଂ.୧୨୮୨୬ ଏକ୍ସ. ଆନନ୍ଦ ବିହାର ଟର୍ମିନାଲରୁ ରାଞ୍ଚିର ଆର୍-। କମ୍ପାର୍ଟମେଣ୍ଟ (ଟେଣ୍ଡର ନଂ. **ଏସ୍‌ଏଲଆର୍-ଆର୍ ।-୧୨୮୨୬-ଅଗଷ୍ଟ ୧୯**) ପ୍ରତ୍ୟାହୃତ ହୋଇଛି।

ଏନ୍‌ଆଇଟିର ଅନ୍ୟାନ୍ୟ ସୂଚନା ଅପରିବର୍ତ୍ତିତ ରହିବ। 2987/19

ହର୍ଷର ସହିତ ଗ୍ରାହକଙ୍କ ସେବାରେ



**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ନୟାପଲ୍ଲୀ ଶାଖା**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୩୮୫୨୨

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ଚୁକ୍ତି ହାରରେ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ୨) ଶ୍ରୀ ଶିବ ପ୍ରସାଦ ମିଶ୍ର, ଉଭୟଙ୍କ ବାସସ୍ଥାନ ଠିକଣା- ସି-୬୨, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର | ଟ.୯,୭୫,୭୪୫/- + ସେବାବଦ ସୁଧ | ୩୧.୦୭.୨୦୧୮ / ୧୩.୦୯.୨୦୧୯ | ଶ୍ରୀମତୀ ସ୍ନିଗ୍ଧା ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ସା: ସି-୬୨, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସିଂ ସ୍କିମ୍, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ସି-୬୩, ପଶ୍ଚିମ: ପ୍ଲଟ୍ ନଂ.: ସି-୬୧, ଉତ୍ତର: ପ୍ଲଟ୍ ନଂ.: ସି-୬୭, ଦକ୍ଷିଣ: ୩୦ ଫୁଟିଆ ରାସ୍ତା |
| ଋଣଗ୍ରହୀତା: ଶ୍ରୀମତୀ ଧୁନା କୁମାରୀ ଦାଶ, ହାଉସ୍ ନଂ.: ଏଲ୍-୧/୪୧୫, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଫେଜ୍-୩, ଭୁବନେଶ୍ୱର / ଗ୍ୟାରେଣ୍ଟିଦାତା: ଶ୍ରୀ ମାନବ ନାରାୟଣ ପଟ୍ଟନାୟକ, ଏଚ୍‌ଆଇଜି-୪୧୪ଇ, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର | ଟ.୪,୩୦,୮୦୮/- + ସେବାବଦ ସୁଧ | ୨୯.୦୩.୨୦୧୯ / ୧୩.୦୯.୨୦୧୯ | ଶ୍ରୀମତୀ ଧୁନା କୁମାରୀ ଦାଶଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଗୃହ ଯାହାର ନଂ.: ଏଲଆଇଜି-୧/୪୧୫, ଡ୍ରଇଂ ନଂ.: ଏଲ୍-୧୨୩୮/୨୦୦୧, ରେଭିନ୍ୟୁ ପ୍ଲଟ୍ ନଂ.: ୧୧୦(ଅଂଶ), ଖାତା ନଂ.: ୫୧୯, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଫେଜ୍-୩, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ହାଉସ୍ ନଂ.: ଏଲ୍-୧-୪୧୪, ପଶ୍ଚିମ: ଏଲ୍-୧-୪୧୬, ଉତ୍ତର: ରାସ୍ତା, ଦକ୍ଷିଣ: ହାଉସ୍ ନଂ.: ଏଲ୍-୧-୪୧୮ |

ସ୍ଥାନ : ଭୁବନେଶ୍ୱର, ତାରିଖ: ୧୭.୦୯.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ



**ଆଗ୍ରହର ପରିପ୍ରକାଶ**
**ରେଡ଼ିଓଲୋଜିକାଲ ଯାଞ୍ଚ ନିମନ୍ତେ ନିଦାନ କେନ୍ଦ୍ର (DIAGNOSTIC CENTRE)/ଚିକିତ୍ସାଳୟଗୁଡ଼ିକର ତାଲିକାଭୁକ୍ତିକରଣ**

ନଂ. ECoR/MD/CH/BBS/Radiology/Tie-up/1193, ତା : 10.09.2019

କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ / ଭୁବନେଶ୍ୱର 03 ବର୍ଷ ସମୟାବଧି ନିମନ୍ତେ ରେଳବାଇ ହିତାଧିକାରୀମାନଙ୍କୁ ରେଡ଼ିଓଲୋଜିକାଲ ଯାଞ୍ଚ ସୁବିଧା ଯୋଗାଇଦେବା ପାଇଁ ଭୁବନେଶ୍ୱର ସ୍ଥିତ ରେଡ଼ିଓଲୋଜିକାଲ ଯାଞ୍ଚ କେନ୍ଦ୍ର /ଚିକିତ୍ସାଳୟ ଗୁଡ଼ିକର ତାଲିକାଭୁକ୍ତିକରଣ ନିମନ୍ତେ ଯୋଜନା ପ୍ରସ୍ତୁତ କରୁଛି ।

ୱେବ୍‌ସାଇଟ୍‌ରେ ଉପଲବ୍ଧ ଥିବା ନିର୍ଦ୍ଧାରିତ ଆବେଦନ ପତ୍ରରେ ସମସ୍ତ ଆବଶ୍ୟକୀୟ ନଥିପତ୍ର ସହିତ ରେଡ଼ିଓଲୋଜିକାଲ ଯାଞ୍ଚ କେନ୍ଦ୍ର ପାଇଁ ଲଫାପାରେ **ଆଗ୍ରହର ପରିପ୍ରକାଶ (EOI)** ଆମନ୍ତ୍ରଣ କରାଯାଉଛି, ଯାହା ତା **10.10.2019**ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ **ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017** ଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ।

**ଯୋଗ୍ୟତା ମାନଦଣ୍ଡ :**

(1) ରେଡ଼ିଓଲୋଜିକାଲ ସେଣ୍ଟରଗୁଡ଼ିକ ନିଶ୍ଚିତ ଭାବେ ଭୁବନେଶ୍ୱର ସହରରେ ଅବସ୍ଥିତ ହୋଇଥିବ। (2) ନିଦାନ କେନ୍ଦ୍ରରେ ଯୋଗ୍ୟ ରେଡ଼ିଓଲୋଜିଷ୍ଟ ଏବଂ ଟେକ୍‌ନିସିଆନ୍ ମାନେ ଥିବା ଉଚିତ (ସେମାନଙ୍କ ବାୟୋଡ଼ାଟା ଦାଖଲ କରାଯିବା ଆବଶ୍ୟକ)। (3) ରେଡ଼ିଓଲୋଜିକାଲ ସେଣ୍ଟରଗୁଡ଼ିକ E-LORA, PNDT ଅଧିନିୟମ ଏବଂ ଓଡ଼ିଶା ସରକାରଙ୍କ ଅଧିନରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। (4) ରେଡ଼ିଓଲୋଜିକାଲ ସେଣ୍ଟର ନିକଟରେ ସିଟି ସ୍କାନ୍ ଏବଂ MRI, USG, X-Ray ସହିତ ମାମୋଗ୍ରାଫି (Mammography)ର ସୁବିଧା ଥିବା ଆବଶ୍ୟକ। (5) ରେଳବାଇ ଦ୍ୱାରା ଫାର୍ମମାନଙ୍କୁ ପୈଠ କରାଯିବାକୁ ଥିବା ଉପଯୁକ୍ତ ଦର (Rate) CGHS ଦର ଅନୁଯାୟୀ କିମ୍ବା ତା' ଠାରୁ କମ୍ ହେବ। ଯଦି ଏକ ନିର୍ଦ୍ଦିଷ୍ଟ ଯାଞ୍ଚ ନିମନ୍ତେ CGHS ସୁବିଧା ଉପଲବ୍ଧ ନ ଥାଏ, ତେବେ ସେ କ୍ଷେତ୍ରରେ AIIMS / ଭୁବନେଶ୍ୱର କିମ୍ବା ଅନ୍ୟ ଯେକୌଣସି ସରକାରୀ ଦର ଲାଗୁ ହେବ। ଯଦି ଏକ ନିର୍ଦ୍ଦିଷ୍ଟ ଯାଞ୍ଚ ନିମନ୍ତେ ସରକାରୀ ଚିକିତ୍ସାଳୟ ଦର ଉପଲବ୍ଧ ନ ହେବା ସ୍ଥଳେ ରେଳବାଇ ଏବଂ ସେଣ୍ଟର ମଧ୍ୟରେ ହୋଇଥିବା ପାରସ୍ପରିକ ବୁଝାମଣାପତ୍ର ଅନୁଯାୟୀ ଯଥୋଚିତ ଦର ପ୍ରଦାନ କରାଯିବ। (6) ସେଣ୍ଟର ମାସିକ ଭିତ୍ତିରେ ବିଲ୍ ପୈଠ ଉପରେ ନଗଦ ବିହୀନ ସେବା (Cashless Service ) ଗ୍ରହଣ କରିବାକୁ ଇଚ୍ଛୁକ ଥିବା ଦରକାର। (7) ଯୋଗ୍ୟତା ମାନଦଣ୍ଡ ଏବଂ ଉପଲବ୍ଧ ସୁବିଧାଜନିତ ସୁନିଶ୍ଚିତତା ନିମନ୍ତେ ଆଗ୍ରହର ପରିପ୍ରକାଶ (EOI) ପ୍ରାପ୍ତ ପରେ କେନ୍ଦ୍ରୀୟ ଚିକିତ୍ସାଳୟରୁ ଡ଼ାକ୍ତରଙ୍କ ଏକ କମିଟି ନିଦାନ କେନ୍ଦ୍ର / ଚିକିତ୍ସାଳୟ ପରିଦର୍ଶନ କରିବେ। (8) ରିପୋର୍ଟଗୁଡ଼ିକ ସେହିଦିନ ଯୋଗାଇ ଦେବା ଆବଶ୍ୟକ କିମ୍ବା ଅତି କମ୍‌ରେ ସେଗୁଡ଼ିକୁ SMS / WhatsApp ମାଧ୍ୟମରେ ପରାମର୍ଶ ଦେଇଥିବା ଚିକିତ୍ସକଙ୍କୁ ସୂଚିତ କରାଯିବା ଆବଶ୍ୟକ, ଯାହା ଫଳରେ ତଦନୁଯାୟୀ ଚିକିତ୍ସା ସେବା ଆରମ୍ଭ କରାଯାଇପାରିବ।

ସ୍ପଷ୍ଟୀକରଣ ନିମନ୍ତେ - ଦୟାକରି ସମ୍ପର୍କ କରନ୍ତୁ : ଚିକିତ୍ସା ନିର୍ଦ୍ଦେଶକ / କେନ୍ଦ୍ରୀୟ ଚିକିତ୍ସାଳୟ / ପୂର୍ବ ତଟ ରେଳପଥ / ଭୁବନେଶ୍ୱର-751017, ଫୋନ୍ ନଂ.: 0674-2748895, ଇମେଲ୍ : medicaldirector8@gmail.com

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

PR-372/K/19-20 ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ, ଭୁବନେଶ୍ୱର

**ପୂର୍ବ ତଟ ରେଳପଥ**

